RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -285 ସଂଖ୍ୟା-୨୮୫
ଭୁବନେଶ୍ୱର, ଗୁରୁବାର ୨୯ ଜାନୁଆରୀ ୨୦୨୬
Bhubaneswar, Thursday 29 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବିମାନ ଦୁର୍ଘଟଣା ନେଲା ଅଜିତ ପାୱାରଙ୍କ ଜୀବନ

ବାରାମତି, ୨୮।୧ (ଏଜେନସି): ମହାରାଷ୍ଟ୍ରରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି। ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଜିତ ପାୱାର ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ଫେରିବା ସମୟରେ ବାରାମତିରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ବିମାନଟି ବାରାମତିରେ ଅବତରଣ କରୁଥିବା ସମୟରେ ଏହି ଘଟଣା ଘଟିଛି।

- ଜନସଭାକୁ ଯିବାବେଳେ ବିମାନ ଦୁର୍ଘଟଣା, ଇଞ୍ଜିନରେ ତ୍ରୁଟି ସନ୍ଦେହ
- ପାଇଲଟଙ୍କ ସହ ୬ ଜଣଙ୍କ ମୃତ୍ୟୁ
- ମହାରାଷ୍ଟ୍ରରେ ୩ ଦିନିଆ ଶୋକ



ଦୁର୍ଘଟଣାରେ ଅଜିତ ପାୱାର ଦେହାନ୍ତ ହୋଇଛି। ବିମାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବିମାନରେ ଥିବା ୬ଜଣଙ୍କର ମୃତ୍ୟୁ ହୋଇଥିବା ଡିଜିସିଏ ସ୍ପଷ୍ଟ କରିଛି। ଦୁର୍ଘଟଣାରେ ଜଣେ ପିଏସଓ, ଜଣେ ଆଟେଣ୍ଡାଣ୍ଟ ଓ ଦୁଇ କ୍ରିଉ ମେମ୍ବରଙ୍କ ପ୍ରାଣ ହରାଇଛନ୍ତି । ପାୱାରଙ୍କ ବିୟୋଗରେ ମହାରାଷ୍ଟ୍ରରେ ୩ ଦିନିଆ ଶୋକ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ଶୋକ ଘୋଷଣା କରିଛନ୍ତି ।

ସୂଚନା ଅନୁଯାୟୀ, ଏହା ଅଜିତ ପାୱାରଙ୍କ ବ୍ୟକ୍ତିଗତ ବିମାନ ଥିଲା। ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଜଳିଯାଇଥିବା ବିମାନକୁ ଦେଖିବାକୁ ମିଳୁଛି। ଘଟଣାସ୍ଥଳରୁ ଯେଉଁ ଭିଡିଓ ସାମ୍ନାକୁ ଆସିଛି ତାହା ଭୟଙ୍କର। ଭିଡିଓରେ ଅଜିତ ପାୱାରଙ୍କ ବିମାନ ସମ୍ପୂର୍ଣ୍ଣ ଜଳିଯାଇଛି। ଘଟଣାସ୍ଥଳରେ ଅନେକ ଆମ୍ବୁଲାନ୍ସ ପହଞ୍ଚିଛି।

କୁହାଯାଉଛି ଯେ, ଅଜିତ ପାୱାରଙ୍କ ସମେତ ମୋଟ ଛଅ ଜଣ ବିମାନରେ ଥିଲେ। ବୁଧବାର ସକାଳ ୮ଟା ୪୫ ମିନିଟ୍‌ରେ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। କମ୍ ଦୃଶ୍ୟମାନତା ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣା ଅତି ଭୟଙ୍କର ଥିଲା। ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳ କଳା ଧୂଆଁରେ ଘେରି ଯାଇଥିଲା। ଅଜିତ ପାୱାର ବୁଧବାର ସକାଳେ ବିମାନରେ ମୁମ୍ବାଇରୁ ବାରାମତି ଯାଉଥିଲେ। ସେଠାରେ ସେ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ପ୍ରଚାର ରାଲି କରିବାର ଥିଲା।

ଦୁର୍ଘଟଣା ପରେ ସମସ୍ତ ୬ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାର କାରଣ ସାମ୍ନାକୁ ଆସିନଥିବା ବେଳେ ହାତଘଣ୍ଟା ଦେଖି ପରିବାର ଲୋକେ ଜୀବନ୍ତ ଦଗ୍ଧ ହୋଇଥିବା ଅଜିତ୍‌ଙ୍କୁ ଚିହ୍ନିଥିଲେ ବୋଲି ସାମ୍ନାକୁ ଆସିଛି। ବିମାନଟି ପୂରା ଜଳିଯିବା ସହ ଭିତରେ ଥିବା ଯାତ୍ରୀ ମଧ୍ୟ ଜଳିଯାଇଥିଲେ। ଏହା ଦ୍ୱାରା ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡିଥିଲା। ମୁହଁ ସମ୍ପୂର୍ଣ୍ଣ ପୋଡିଯାଇଥିବାରୁ ଅଜିତ୍ ହାତରେ ପିନ୍ଧିଥିବା ଘଣ୍ଟା ଦେଖି ତାଙ୍କୁ ପରିବାର ଲୋକେ ଚିହ୍ନିଥିବା ସାମ୍ନାକୁ ଆସିଛି। ବିଡ଼ମ୍ବନାର ବିଷୟ ହେଉଛି, ଏନସିପିର ସରକାରୀ ନିର୍ବାଚନ ପ୍ରତୀକ ହେଉଛି ଘଣ୍ଟା।

## ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୧ ୧ : ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦେହାନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ଏହା ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ରାଷ୍ଟ୍ରପତି ।

ରାଷ୍ଟ୍ରପତି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି, "ମହାରାଷ୍ଟ୍ରର ବାରାମତିରେ ଏକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଅଜିତ ପାୱାରଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ । ଅଜିତ ପାୱାରଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି। ମହାରାଷ୍ଟ୍ରର ବିକାଶରେ, ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ସର୍ବଦା ମନେ ରଖାଯିବ । ତାଙ୍କ ପରିବାର, ସମର୍ଥକ ଏବଂ ପ୍ରଶଂସକମାନଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ଲୋକଙ୍କ ପରିବାରକୁ ମଧ୍ୟ ଭଗବାନ ଏହି କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ"। ସେହିପରି ପ୍ରଧାନମନ୍ତ୍ରୀ କହିଛନ୍ତି, "ମହାରାଷ୍ଟ୍ରର ବାରାମତିରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ବିମାନ ଦୁର୍ଘଟଣାରେ ମୁଁ ଗଭୀର ଦୁଃଖିତ। ଏହି ଦୁର୍ଘଟଣାରେ ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା। ଏହି ଦୁଃଖର ମୁହୂର୍ତ୍ତରେ ଶୋକସନ୍ତପ୍ତ ପରିବାରକୁ ଶକ୍ତି ଏବଂ ସାହସ ମିଳୁ ବୋଲି ମୁଁ ପ୍ରାର୍ଥନା କରୁଛି।"

## ନବୀନଙ୍କୁ ଭେଟିବେ ଭକ୍ତ

ଭୁବନେଶ୍ୱର, ୨୮।୧ :ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କୁ ଭେଟିବାକୁ ସମୟ ମାଗିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ ।ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ଭେଟିବା ନେଇ ପିସିସି ସଭାପତି ନିଜେ ସୂଚନା ଦେଇଛନ୍ତି କିନ୍ତୁ ନବୀନ ନିବାସରୁ କୌଣସି ସ୍ପଷ୍ଟତା ଆସିନାହିଁ। ଭକ୍ତ କହିଛନ୍ତି କଂଗ୍ରେସ ଏବଂ ବିଜେଡି ହେଉଛନ୍ତି ବିରୋଧୀ ଦଳ ।ଦୁଇ ଦଳ ମିଶିଲେ ଗୋଟିଏ ରାଜ୍ୟସଭା ପ୍ରାର୍ଥୀ ଅତି ସହଜରେ ଦେଇପାରିବେ ଯାହାର ବିଜୟ ସମ୍ଭାବନା ଅଧିକ । ଯଦି ଆମେ ପ୍ରାର୍ଥୀ ଦେଉ ବିଜେଡି ଆମକୁ ସମର୍ଥନ ଦେବନାହିଁ କି ତାହା ଅନିଶ୍ଚିତତା ରହିଛି ।ଅନୁରୂପ ଭାବେ ବିଜେଡି ଯଦି ପ୍ରାର୍ଥୀ ଦିଏ ଆମେ ତାଙ୍କୁ ସମର୍ଥନ ଦେବୁ କି ନାହିଁ ତାହା ବି ଅନିଶ୍ଚିତତା ରହିଛି। ବିଜେପି ସରକାର ସବୁଥିରେ ବିଫଳ ହୋଇଛନ୍ତି। ଏହି ପରିପେକ୍ଷୀରେ ଯଦି ଓଡ଼ିଶାର ଜଣେ ଉଦୟବାନ ବ୍ୟକ୍ତିତ୍ୱ ଙ୍କୁ ପ୍ରାର୍ଥୀ କରାଯାଏ, ତେବେ ସେ ନିଷ୍ପତି ସମ୍ପର୍କରେ ଆମେ ଚିନ୍ତା କରିବୁ ।

ଭକ୍ତ ଦାସ ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ଯେ ଦୁଇ ଦଳ ମିଶିଲେ ଗୋଟିଏ ପ୍ରାର୍ଥୀ ଜିତିପାରିବ । ଯଦି ଆମେ ପ୍ରାର୍ଥୀ ଦେବୁ ତାହା ହେଲେ ବିଜେଡ଼ି ସମର୍ଥନ କରି ନ ପାରେ । ସେହିପରି ବିଜେଡ଼ି ପ୍ରାର୍ଥୀ ଦେଲେ କଂଗ୍ରେସ ସମର୍ଥନ କରି ନପାରେ । ତେଣୁ ଦୁଇ ଦଳ ମିଳି ଗୋଟିଏ ପ୍ରାର୍ଥୀ ଦେଲେ ଭଲ ହେବ । ଏ ନେଇ ଆଲୋଚନା କରିବାକୁ ସେ ନବୀନଙ୍କୁ ସମୟ ମାଗିଛନ୍ତି । ଯଦି ନବୀନ ସମୟ ତେବେ ଫେବ୍ରୁଆରୀରେ ଭେଟି ପାରନ୍ତି । ଆଲୋଚନା ପରେ ସ୍ପଷ୍ଟ ହେବ ବୋଲି ଭକ୍ତ କହିଛନ୍ତି ।

ସେପଟେ ଭକ୍ତଙ୍କ ଏଭଳି ମନ୍ତବ୍ୟ ପରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଯୋଗାଣ ମନ୍ତ୍ରୀଙ୍କ ବୟାନ ଆଲୋଚନାକୁ ସରଗରମ କରିଦେଇଛି । ରାଜନୀତିରେ କେତେବେଳେ କଣ ଗେମ୍ ହେବ କିଛି କହି ହେବ ନାହିଁ । ଟିକେ ଅପେକ୍ଷା କରନ୍ତୁ । ରାଜନୀତିରେ କିଛି ଅସମ୍ଭବ ନୁହେଁ । ସବୁଆଡ଼େ ଧ୍ୟାନ ଦିଆଯାଉଛି । କିଏ କେତେବେଳେ ଭୋଜି ଭାତ କଲେ ସବୁ ଲକ୍ଷ୍ୟ ରଖାଯାଇଛି । କେଉଁଠି କିଏ କେତେବେଳେ ମେଳି କରୁଛନ୍ତି ତାହାର ନଜର ରଖାଯାଇଛି । ତାଙ୍କ ଦଳ ନେତାଙ୍କ ସହିତ କିଏ ମିଶୁଛନ୍ତି ତାହାର ମଧ୍ୟ ହିସାବ ରହିଛି ।

ଏପ୍ରିଲରେ ଓଡ଼ିଶାର ଚାରୋଟି ରାଜ୍ୟସଭା ଆସନ ଖାଲି ହେଉଛି । ବିଧାନସଭା ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ବିଜେପି ଖାତାକୁ ଦୁଇଟି ଆସନ ଓ ବିଜେଡ଼ି ଖାତାକୁ ତିନୋଟି ଆସନ ଯାଇପାରେ । ତେବେ ଗୋଟିଏ ଆସନ ପାଇଁ ଅଙ୍କ ଛିଡୁ ନାହିଁ ।

## ଓଡ଼ିଶା ବନ୍ଦର ପ୍ରଭାବ

ଭୁବନେଶ୍ୱର, ୨୮।୧: ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ?ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନିର ମନମାନି ବିରୋଧରେ ଆଜି ଓଡିଶା ବନ୍ଦ ଡାକରା ଦେଇଛି ନବନିର୍ମାଣ କୃଷକ ସଂଗଠନ। ଆଜି ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଥିଲା। ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ, ବାମ ଦଳ ଓ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି। ବିଜେଡି ଏହାକୁ ସ୍ୱାଗତ କରିଥିଲେ ହେଁ ବିଧିବଦ୍ଧ ସମର୍ଥନ ଦେଇନଥିଲା। ଓଡିଶା ବନ୍ଦର ପ୍ରଭାବ ରାଜ୍ୟର କିଛି ଜିଲ୍ଲାରେ ଦେଖିବାକୁ ମିଳିଛି।

ରାଜଧାନୀ ଓ କଟକରେ କିଛି ସମୟ ପାଇଁ ବନ୍ଦର ପ୍ରଭାବ ଆଂଶିକ ପଡ଼ିଥିଲା। ବିଭିନ୍ନ ଛକରେ ଆନ୍ଦୋଳନକାରୀମାନେ ପିକେଟିଂ କରିଥିଲେ। ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିବାବେଳେ ଅଟୋ ସେବା କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା। ଯାଜପୁର ଜିଲ୍ଲାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ଟ୍ରେନ, ବସ, ଟ୍ରକ ଚଳାଚଳକୁ ବାଦ ଦେଲେ ବାକି ସବୁ ସ୍ୱାଭାବିକ ରହିଛି। ଯାଜପୁର ଟାଉନ ଓ ବ୍ୟାସନଗର ସହରରେ ଦୋକାନବଜାର ଖୋଲା ରହିଥିବା ବେଳେ ଦୁଇଚକିଆ, ଚାରିଚକିଆ ଓ ଅଟୋରିକ୍ସା ଚଳାଚଳ ଜାରି ରହିଛି। ସହରରେ କୌଣସି ସ୍ଥାନରେ ଆନ୍ଦୋଳନ କିମ୍ବା ପିକେଟିଂ ଚାଲିଥିବା ଦେଖିବାକୁ ମିଳିନାହିଁ। ସେହିପରି ଯାଜପୁର ଟାଉନରେ ମଧ୍ୟ ଦୋକାନବଜାର, ଯାନବାହନ ଚଳାଚଳ ଜାରି ରହିଛି। ଜିଲ୍ଲା ଅଦାଲତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର ଫାଟକ ଖୋଲା ରହିଥିବା ବେଳେ ଆନ୍‌ଦୋଳନକାରୀ ସେଠାରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଗତସିଂହପୁର ଜିଲ୍ଲାରେ ସହର ସମେତ ବିଭିନ୍ନ ଅଞ୍ଚଳରେ ନବ ନର୍ମାଣ କୃଷକ ସଂଗଠନର ବନ୍ଦ ପାଳନ କରାଯାଇଛି । ଦୋକାନ ବଜାର ସମେତ ଘରୋଇ ପ୍ରତିଷ୍ଠାନ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହୋଇଛି। କିନ୍ତୁ ପାରାଦୀପରେ ସେଭଳି ପ୍ରଭାବ ଦେଖିବାକୁ ମିଳି ନାହିଁ। ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ସରକାର ସାମାଜିକ ନ୍ୟାୟ ଦେବାକୁ ସମର୍ପିତ: ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୮।୧ (ନି.ପ୍ର.): ବୁଧବାରଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇଛି । ଗୃହର ପ୍ରଥମ କାର୍ଯ୍ୟଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହର ଏକ ମିଳିତ ଅଧିବେଶନକୁ ସମ୍ବୋଧିତ କରି ଐତିହ୍ୟ ଏବଂ ବିକାଶର ବାର୍ତ୍ତା ଦେଇଛନ୍ତି ।

ରାଷ୍ଟ୍ରପତି ମୁର୍ମୁ ନିଜ ଅଭିଭାଷଣରେ ସରକାରଙ୍କ ଉପଲବ୍ଧିକୁ ଉପସ୍ଥାପନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ସାରା ଦେଶରେ ପାଳନ କରାଯାଉଛି। ଏହି ମହାନ ପ୍ରେରଣା ପାଇଁ ନାଗରିକମାନେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ସଂସଦରେ ଏକ ବିଶେଷ ଆଲୋଚନା ପାଇଁ ସେ ସମସ୍ତ ସାଂସଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଗୁରୁ ତେଗ ବାହାଦୁରଙ୍କ ୩୫୦ତମ ସହିଦ ଦିବସ, ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରିଛି। ଦେଶ ଆଦିବାସୀ ସମ୍ପ୍ରଦାୟ ପ୍ରତି ସେମାନଙ୍କର ଅବଦାନକୁ ମନେ ରଖିଛି। ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ସହିତ ଜଡିତ ଘଟଣାଗୁଡ଼ିକ 'ଏକ ଭାରତ ଶ୍ରେଷ୍ଠ ଭାରତ' ଭାବନାକୁ ଆହୁରି ମଜବୁତ କରିଛି । ସମଗ୍ର ଦେଶ ଦେଖିଛି ଯେ ଭାରତ ରତ୍ନ ଭୂପେନ ହଜାରିକାଙ୍କ ଜନ୍ମବାର୍ଷିକୀ ପାଳନ ଦେଶକୁ ସଙ୍ଗୀତ ଏବଂ ଏକତାର ଆତ୍ମାରେ ପରିପୂର୍ଣ୍ଣ କରିଛି । ଯେତେବେଳେ ଦେଶ ତା'ର ପୂର୍ବପୁରୁଷଙ୍କ ଅବଦାନକୁ ମନେ ରଖେ, ନୂତନ ପିଢ଼ି ପ୍ରେରଣା ପାଏ, ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାକୁ ତ୍ୱରାନ୍ୱିତ କରେ । ଗତ ଏକ ଦଶନ୍ଧିରେ ଦେଶର ମୂଳଦୁଆ ସୁଦୃଢ଼ ହୋଇଛି ।

ବି ଆର୍ ଆମ୍ବେଦକରଙ୍କ ପ୍ରେରଣାରେ ସରକାର ସାମାଜିକ ନ୍ୟାୟ ଦେବାକୁ ସମର୍ପିତ । ଗରିବଙ୍କୁ ସଶକ୍ତ କରିବାକୁ ପ୍ରତିବଦ୍ଧ । ରାଷ୍ଟ୍ରପତି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଉପରେ ଆଲୋକପାତ କରିଛନ୍ତି । ପାରଦର୍ଶିତା ଏବଂ ସଚ୍ଚୋଟ ବ୍ୟବସ୍ଥାକୁ ସ୍ଥାୟୀ କରୁଛି । ସରକାର ଦଳିତ, ପଛୁଆ ବର୍ଗ ଓ ଜନଜାତି ସମାଜ ପାଇଁ ସମ୍ବେଦନଶୀଳତା ସହିତ କାମ କରାଯାଉଛି ।



ସେହିପରି ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ମୋ ଦେଶର ଯୁବ, ଚାଷୀ, ଉଦ୍ୟୋମୀ ବିକଶିତ ଭାରତ ନିର୍ମାଣରେ ଭୂମିକା ନିର୍ବାହ କରୁଛନ୍ତି । ବିଶ୍ୱରେ ଭାରତ ଚାଉଳରେ ଉତ୍ପାଦନରେ ପ୍ରଥମ ଓ ମତ୍ସ୍ୟ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି । ଭାରତ ସବୁଠାରୁ ସଫଳ ଦେଶରେ ପରିଗଣିତ ହୋଇଛି ।

ରାଷ୍ଟ୍ରପତି ଭିବି ଜି-ରାମ-ଜି ଯୋଜନା ଉପରେ ଅଭିଭାଷଣ ରଖୁଥିବାବେଳେ ବିରୋଧୀ ଦଳ ତୀବ୍ର ବିରୋଧ କରିଥିଲେ । ଏହା ସହିତ ନାରାବାଜି ମଧ୍ୟ କରିଥିଲେ । ତଥାପି ରାଷ୍ଟ୍ରପତି ନିଜର ଅଭିଭାଷଣ ଜାରି ରଖିଥିଲେ ।

ସେହିପରି ଦେଶର ଅର୍ଥନୀତି ଗତିଶୀଳ ହୋଇଛି । ଅପରେସନ୍ ସିନ୍ଦୂର ମାଧ୍ୟମରେ ସମଗ୍ର ବିଶ୍ୱ ଭାରତୀୟ ସେନାର ସାହସିକତା ଦେଖିଛି । ଭାରତୀୟ ସେନା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଛି । ମିଶନ୍ ସୁଦର୍ଶନ ଚକ୍ର ଉପରେ କାର୍ଯ୍ୟ ଜାରି ରହିଛି। ଆଜି ବିଶ୍ୱ ଏକ କଷ୍ଟକର ସମୟ ଦେଇ ଗତି କରୁଛି । ଦୀର୍ଘକାଳୀନ ସମୀକରଣ ମଧ୍ୟ ପରିବର୍ତ୍ତନ ହେଉଛି। ଦୂରଦୃଷ୍ଟି ସମ୍ପନ୍ନ ବୈଦେଶିକ ନୀତି ଯୋଗୁଁ କଷ୍ଟକର ପରିସ୍ଥିତି ସତ୍ତ୍ୱେ, ଭାରତ ବିକାଶ ପଥରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ବିଶ୍ୱର ଦେଶଗୁଡ଼ିକ ଭାରତ ଉପରେ ବିଶ୍ୱାସ ପ୍ରକାଶ କରନ୍ତି। ଭାରତ ଏକ ସେତୁର ଭୂମିକା ଗ୍ରହଣ କରୁଛି। ଭାରତ ଏକ ମାନବିକ ଆଭିମୁଖ୍ୟକୁ ପ୍ରାଥମିକତା ଦେଇଛି। ଭାରତ ବିଶ୍ୱ ଦକ୍ଷିଣର ସ୍ୱରକୁ ଅଧିକ ଶକ୍ତି ସହିତ ବୃଦ୍ଧି କରିଛି। ପୁରୁଣା ସମ୍ପର୍କକୁ ମଜବୁତ କରିବା ସହିତ, ନୂତନ ସମ୍ପର୍କ ମଧ୍ୟ ବିକଶିତ କରିଛି । ବିଶ୍ୱ ରାଜନୀତିର ଚୂଡ଼ାନ୍ତ ଲକ୍ଷ୍ୟ ମାନବତାର ସେବା କରିବା ହେବା ଉଚିତ।

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ଧନୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ମୋ ସରକାର ସେହି ଐତିହ୍ୟକୁ ସଂରକ୍ଷଣ ଏବଂ ପୋଷଣ କରିବା ପାଇଁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରୁଛି । ମ୍ୟାକାଲେ ହୀନମନ୍ୟତା ଜଟିଳତା ସୃଷ୍ଟି କରିଥିଲେ, କିନ୍ତୁ ସରକାର ଏହାକୁ ଭାଙ୍ଗିବାରେ ପ୍ରଥମ ଥିଲା। ଜାତୀୟ ଶିକ୍ଷା ନୀତି ଉନ୍ନତ ହୋଇଛି। ଭାରତର ବିକାଶ ବିଶ୍ୱ ସ୍ତରରେ ପ୍ରତିଧ୍ୱନିତ ହେଉଛି । ସରକାର ଖେଲୋ ଭାରତ ନୀତି ସୃଷ୍ଟି କରିଛନ୍ତି। କ୍ରୀଡ଼ା ପ୍ରତିଷ୍ଠାନଗୁଡ଼ିକୁ ସ୍ୱଚ୍ଛ କରାଯାଇଛି। ଦେଶ ଏକ ଷ୍ଟାର୍ଟଅପ୍ ହବ୍ ପାଲଟିଛି। ସୋମନାଥ ମନ୍ଦିର ଉପରେ ଆକ୍ରମଣ ପରଠାରୁ ହଜାର ବର୍ଷର ଯାତ୍ରା ଭାରତର ସାମାଜିକ ଅଖଣ୍ଡତାର ପ୍ରତୀକ। ସେଗୁଡ଼ିକୁ ସଂରକ୍ଷଣ କରିବା ପାଇଁ ପାଣ୍ଡୁଲିପିର ଡିଜିଟାଇଜେସନ୍ ଆରମ୍ଭ କରାଯାଇଛି। ମୋ ସରକାର ସମ୍ବିଧାନକୁ ସାନ୍ତାଳୀ ଭାଷାରେ ଅନୁବାଦ କରି ଆଦିବାସୀ ସମ୍ପ୍ରଦାୟର ଗର୍ବ ବୃଦ୍ଧି କରିଛି।

ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗଣତନ୍ତ୍ରରେ ମତଭେଦ ଅନିବାର୍ଯ୍ୟ ହୋଇଥିଲେ ମଧ୍ୟ କିଛି ବିଷୟ ମତଭେଦକୁ ଅତିକ୍ରମ କରିଯାଏ। ଏକ ବିକଶିତ ଭାରତ ପାଇଁ ସଂକଳ୍ପ ପୂରଣ କରିବା ପାଇଁ ସରକାର ଏବଂ ସଂସଦ ଏକାଠି କାମ କରିବେ। ରାଷ୍ଟ୍ରପତି ଏକ ସଫଳ ଏବଂ ଫଳପ୍ରଦ ଅଧିବେଶନ ପାଇଁ ସମସ୍ତ ସାଂସଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବାଣ ବିସ୍ଫୋରଣରେ ଜଣେ ମୃତ, ୩ ଗୁରୁତର

ଭୁବନେଶ୍ୱର, ୨୮।୧ (ନି.ପ୍ର.): ଯେଉଁ ବାଣରେ କିଛି ବର୍ଷ ପୂର୍ବେ ପରିବାର ଦୁଇ ଜଣ ସଦସ୍ୟ ପ୍ରାଣ ହରାଇଥିଲେ । ପୁଣି ଥରେ ସେହିବାଣ ବିସ୍ଫୋରଣରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିପାଟଣା ଥାନା ଅନ୍ତର୍ଗତ ନଗିଶୋ ଗ୍ରାମ ନିଧି ସାହିରେ ବାଣ ବିସ୍ଫୋରଣ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାଣ ଭିଡ଼ା ଚାଲିଥିବାବେଳେ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ହୋଇଛି । ତିନି ଜଣ ଗୁରୁତର ଅଛନ୍ତି । ମୃତକ ହେଲେ ଅଭିନା କାଣ୍ଡି ଏବଂ ଗୁରୁତର ବ୍ୟକ୍ତି ହେଲେ ମୁନା ଭୋଇ, ପ୍ରମୋଦ ସାହୁ ଓ ରମେଶ ତିଆଡି। ସମସ୍ତଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।



ମଙ୍ଗଳବାର ବିଳମ୍ବିତ ରାତିରେ ନିଧି ସାହିରେ ବିସ୍ଫୋରଣର ଭୟଙ୍କର ଶବ୍ଦ ହୋଇଥିଲା । ପଡ଼ୋଶୀ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ । ପରେ ବାଣ ବିସ୍ଫୋରଣ ହୋଇଥିବା ଜାଣିବାକୁ ପାଇଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ସଙ୍କଟାପନ୍ନ ଅବସ୍ଥାରେ ଅଭିନା କାଣ୍ଡି, ମୁନା ଭୋଇ, ପ୍ରମୋଦ ସାହୁ ଓ ରମେଶ ତିଆଡିଙ୍କୁ ସ୍ଥାନୀୟ ନିଆଳି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସ୍ୱାସ୍ଥ୍ୟ ଅବସ୍ଥାବସ୍ଥା ସଙ୍ଗୀନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ତେବେ କିଛି ବର୍ଷ ପୂର୍ବେ ଅଭିନାଙ୍କ ମାଆ ଓ ଭାଇଙ୍କର ମୃତ୍ୟୁ ହୋଇଥିଲା । ଏହି ବାଣ କାରଖାନା ବେଆଇନ ଭାବେ ଚାଲୁଥିଲା ବୋଲି ଅଭିଯୋଗ ହୋଇଛି । ଏଠାରେ ବାଣ ନୁହେଁ ବୋମା ଭିଡ଼ା ଯାଉଥିଲା ବୋଲି କିଛି ଲୋକେ ଅଭିଯୋଗ କରିଛନ୍ତି। ବାଲିପାଟଣା ଥାନା ପୋଲିସ ଗ୍ରାମରେ ପହଁଚି ତଦନ୍ତ ଆରମ୍ଭ କରିଛି ।

## ସୁନ୍ଦରପଦା ବୋମା ବିସ୍ଫୋରଣ ମାମଲାର ତଦନ୍ତ କଲା ଏନ୍‌ଆଇଏ

ଭୁବନେଶ୍ୱର ୨୮।୧ (ନି.ପ୍ର.): ସୁନ୍ଦରପଦା ଆଜାଦନଗର ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା ବା ଏନ୍‌ଆଇଏ ତଦନ୍ତ କରିଛି । ଏହି ଘଟଣାକୁ ଅସାମାନ୍ୟ ଦୃଷ୍ଟିରେ ଦେଖି, ଏବଂ ଘଟଣାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂପୃକ୍ତି ମିଳିବା ପରେ ଏହାକୁ ଅତି ଗୁରୁତର ସହ ନେଇଛି ଏନଆଇଏ । ଘଟଣାରେ ସଂପୃକ୍ତ ଥିବା ତଥା ଆହତ ହୋଇଥିବା ସମସ୍ତଙ୍କୁ ଜେରା ଆରମ୍ଭ କରିଛି ଜାତୀୟ ତଦନ୍ତ ଏଜେନ୍ସି । କେବଳ ଗୁରୁତର ଆହତଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଜେରାର ସମ୍ମୁଖୀନ ହେଉଛନ୍ତି । କେଉଁ ଉଦ୍ଦେଶ୍ୟରେ ଛାତ ଉପରେ ଲୁଚି କରି ଏହି ବୋମା ତିଆରି ହେଉଥିଲା, ଏହା ପଛରେ କେବଳ ବିସ୍ଫୋରକ ଯୋଗାଣ ଉଦ୍ଦେଶ୍ୟ ନା କିଛି ବଡ଼ ଯୋଜନା ଥିଲା ଏମାନଙ୍କର ତାହା ବି ତଦନ୍ତ ଚାଲିଛି । ସବୁଠାରୁ ବଡ଼ କଥା ହେଉଛି ଯେ ଘର ମାଲିକଙ୍କୁ ପ୍ରଥମେ ଜେରା କରିଛି ଏନଆଇଏ ।

ଅନ୍ୟପକ୍ଷେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ ସୁନ୍ଦରପଦା ଆଜାଦନଗରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା । ଏଥିରେ ୪ ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ । ସେହନୱାଜ ମଲ୍ଲିକ ନାମକ ବ୍ୟକ୍ତିଙ୍କ ନାମରେ ୭ଟି ମାମଲା ରହିଛି ।

## ରାଉରକେଲାରେ ଓଏମ୍‌ସି ପାଭିଲିୟନ୍ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ରାଉରକେଲା, ୨୮।୧ (ନି.ପ୍ର.): ରାଉରକେଲାରେ ଅନୁଷ୍ଠିତ ୨୫ତମ ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ଓଡ଼ିଶା ମାଇନିଂ କର୍ପୋରେସନ୍ ପାଭିଲିୟନକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉଦଘାଟନ ପରେ ମୁଖ୍ୟମନ୍ତ୍ରୀ ସେଇ ପାଭିଲିୟନ ପରିଦର୍ଶନ କରିଥିଲେ। ଏହି ଅବସରରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ।

ପ୍ରଦର୍ଶନୀରେ ଓଏମସିର ଅଂଶଗ୍ରହଣ ଭାରତର ତୃତୀୟ ସର୍ବବୃହତ ଲୁହାପଥର ଉତ୍ପାଦକ ଭାବରେ ଏହାର ଯାତ୍ରାକୁ ଆହୁରି ଉଜ୍ଜ୍ୱଳ କରିଛି। ଚଳିତ ଆର୍ଥିକ ବର୍ଷରେ ରେକର୍ଡ ଉତ୍ପାଦନ ହାସଲ କରିବା ଦିଗରେ ଓଏମସି ଦୃଢ଼ ପଦକ୍ଷେପ ଗ୍ରହଣ କରୁଛି। ପାଭିଲିଅନରେ, ଓଏମ୍‌ସ ସ୍ଥାୟୀତ୍ୱ, ସୁରକ୍ଷା ଏବଂ କାର୍ଯ୍ୟରେ ଡିଜିଟାଲ ନବସୃଜନ, ଖଣିଜ ଅନୁସନ୍ଧାନ ପଦକ୍ଷେପ, ଏହାର ଫେରୋକ୍ରୋମ ପ୍ଲାଣ୍ଟ ଏବଂ କ୍ରୋମ ଓର ବେନିଫିସିଏସନ୍ ପ୍ଲାଣ୍ଟ ମାଧ୍ୟମରେ ମୂଲ୍ୟ ବୃଦ୍ଧି ଉପରେ ଏହାର ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରୁଛି।



ଓଏମସି ୧୯ଟି ଖଣି ପରିଚାଳନା କରୁଛି, ଯେଉଁଥିରୁ ଲୁହା ପଥର, କ୍ରୋମ୍, ବକ୍ସାଇଟ୍, ମ୍ୟାଙ୍ଗାନିଜ୍ ଏବଂ ଚୂନପଥର ଉତ୍ପାଦନ ହେଉଛି। ଏହା ଇସ୍ପାତ, ଆଲୁମିନିୟମ୍ ଏବଂ ଫେରୋକ୍ରୋମ୍ ଭଳି ମୁଖ୍ୟ ଖଣିଜ-ଆଧାରିତ ଶିଳ୍ପଗୁଡ଼ିକୁ ସମର୍ଥନ କରୁଛି।

ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ, ଓଏମ୍‌ସ ନୂତନ ଖଣିଜ ସମ୍ଭାବନାକୁ ଉନ୍‌ମୋଚନ କରିବା ଏବଂ ରାଜ୍ୟର ଖଣିଜ ସମ୍ପଦ ଆଧାରକୁ ସୁଦୃଢ଼ କରିବା ପାଇଁ ସମଗ୍ର ଓଡ଼ିଶାରେ ଖଣିଜ ଅନୁସନ୍ଧାନ ପଦକ୍ଷେପର ନେତୃତ୍ୱ ନେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଏମସି ଓଡ଼ିଶା ସାରା ଖଣିଜ ଅନୁସନ୍ଧାନ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି, ଯାହା ନୂତନ ଖଣିଜ ସମ୍ଭାବନାକୁ ଉନ୍‌ମୋଚନ କରିବା ଏବଂ ରାଜ୍ୟର ଖଣିଜ ସମ୍ପଦ ଭିତ୍ତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି।

୨୫ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା ଶିଳ୍ପ ଅଂଶୀଦାରମାନଙ୍କୁ ଦକ୍ଷତା ପ୍ରଦର୍ଶନ କରିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଏବଂ ଅଭିବୃଦ୍ଧି ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରେ। ଏହି କାର୍ଯ୍ୟକ୍ରମରେ ଢଗଉର ଅଂଶଗ୍ରହଣ ଓଡ଼ିଶାର ଖଣିଜ-ନେତୃତ୍ୱାଧୀନ ଶିଳ୍ପ ବିକାଶରେ ଏହାର ରଣନୈତିକ ଭୂମିକା ଏବଂ ଜାତୀୟ ଖଣିଜ ସୁରକ୍ଷା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ସହିତ ରାଜ୍ୟର ବିକଶିତ ଶିଳ୍ପ ଇକୋସିଷ୍ଟମକୁ ସମର୍ଥନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ପୂର୍ତ୍ତବିଭାଗର ୨ ନୂଆ ଆପ୍ଲିକେସନ ଲୋକାର୍ପିତ

ଭୁବନେଶ୍ୱର, ୨୮।୧ (ନି.ପ୍ର.):: ଲଞ୍ଚ୍ ହେଲା ନିର୍ମାଣ ବିଭାଗର ଦୁଇ ନୂଆ ଆପ୍ଲିକେସନ୍। ଉନ୍‌ମୋଚନ କଲେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଠିକାଦାର ଡାଟାବେଶ୍ ମ୍ୟାନେଜମେଣ୍ଟ ସିଷ୍ଟମ ଭର୍ସନ-୩ ଆପ ଲଞ୍ଚ ହୋଇଛି। ସେହିପରି ଇଆଇବି ଆପ୍ ଲଞ୍ଚ କରାଯାଇଛି । ଏହି ଆପ ଯୋଗେ ଆଇବି ବଙ୍ଗଳା ଅନଲାଇନ ରିଜରଭେଶନ କରିବା ଆହୁରି ସରଳ ହୋଇଛି। ଇଆଇବି ଆପ୍ ଯୋଗେ କରିହେବ ରିଜରଭେଶନ । ଅଫିସିଆଲ୍ ଓ ନନ୍ ଅଫିସିଆଲ୍ ସମସ୍ତେ ଏହି ଆପ୍ ବୁକ୍ କରି ପାରିବେ।

## ଓଜେଇଇ ପରୀକ୍ଷା ଲାଗି ଆବେଦନ

ଭୁବନେଶ୍ୱର, ୨୮।୧ (ନି.ପ୍ର.): ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୬ ପାଇଁ ବୁଧବାରଠାରୁ ଆବେଦନ ଆରମ୍ଭ ହୋଇଛି। ମାର୍ଚ୍ଚ ୨୨ ତାରିଖ ଯାଏ ଆବେଦନ ଚାଲିବ । ମେ ୪ରୁ ୯ ଯାଏ ପରୀକ୍ଷା ହେବ । ଏସବୁ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍ ରେ ପରୀକ୍ଷା ହେବ । ଆବେଦନକାରୀମାନେ ଓଜେଇଇର ଆପ୍ ରେ ସମସ୍ତ ସୂଚନା ପାଇପାରିବେ । ଏନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସମ୍ବାଦ

ଗୁରୁବାର, ୨୯ ଜାନୁଆରୀ ,୨୦୨୬ ଭୁବନେଶ୍ୱର

THURSDAY, 29 JANUARY, 2026, BHUBANESWAR



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କେବେ ଭାବିବୁ ସେ ଲଢ଼େଇ ଆମର

### ଅକ୍ଷୟ କୁମାର ମିଶ୍ର

ପାହାଡ଼ ପର୍ବତ ଘେରା ଅଞ୍ଚଳ । ସବୁଜ ବନାନୀରେ ଭରପୁର । କଳକଳ ନାଦ କରି ବହିଯାଉଛି ଚିରସ୍ରୋତା ଝରଣା । ମନଲୋଭା ଜଳପ୍ରପାତ । କୋଇଲି ସମେତ ଅସଂଖ୍ୟ ପ୍ରଜାତିର ପକ୍ଷୀଙ୍କ କୁହୁତାନ ଓ କିଚିରି ମିଚିରି ଶବ୍ଦ । ମହୁଲ ଫୁଲର ବାସ୍ନା । ତାହାରି ଭିତରେ ଛୋଟ ଛୋଟ ଅନେକ ଗୁଡ଼ାଏ ଛାଡ଼ି ଛାଡ଼ି ବସ୍ତି । ସେହି ବସ୍ତିରେ କେଉଁ କାଳରୁ ବସବାସ କରିଆସୁଛନ୍ତି ବହୁ ଆଦିବାସୀ ପରିବାର । ତାହାହିଁ ସେମାନଙ୍କ ଭିଟାମାଟି । ଝାଟିମାଟିର ଘର, ମାତ୍ର ପରିଷ୍କାର ପରିଚ୍ଛନ୍ନ । ଜଙ୍ଗଲ ସେମାନଙ୍କ ପାଇଁ ମାଆ କାରଣ ଜୀବନ ନିର୍ବାହ ପାଇଁ ଜଙ୍ଗଲ ହିଁ ଏକମାତ୍ର ସାହା ଭରଷା । ଏବେକୁ ପାହାଡ଼ ଭାଙ୍ଗି କିଛି ଜମି ସେମାନେ ତିଆରି କଲେଣି । ମାଣ୍ଡିଆ, ଯଅ ଆଦି କିଛି ଚାଷ କରିବା ଶିଖିଲେଣି । ମାଣ୍ଡିଆ ଜାଉ ନହେଲେ ଗରମ ପଖାଳ ହେଉଛି ପର୍ବପର୍ବାଣୀରେ ସେମାନଙ୍କର ମୁଖ୍ୟ ଖାଦ୍ୟ । ପାହାଡ଼ ଓ ଜଙ୍ଗଲର ସୁରକ୍ଷା ଯେ ସେମାନଙ୍କର ଦାୟିତ୍ୱ ଏକଥା ସେମାନଙ୍କୁ ଭଲ ଭାବରେ ଜଣା । ମଝିରେ ମଝିରେ ବଡ଼ ବଡ଼ କାଠ ବେପାରୀମାନେ ଆସି ମୂଲ୍ୟବାନ ଗଛ ସବୁ କାଟି ସହରକୁ ବୋହି ନେବାକୁ ଉଦ୍ୟମ କରନ୍ତି । କିନ୍ତୁ ଏହି ଆଦିବାସୀମାନେ ସେମାନଙ୍କୁ ବିରୋଧ କରନ୍ତି । ଧନୁଶର ଦେଖାଇ ବେଳେ ବେଳେ ଏମାନଙ୍କୁ ଡରାନ୍ତି । ଏମାନଙ୍କ ଭୟରେ ଏହି କାଠ ମାଫିଆମାନେ ଜଙ୍ଗଲକୁ ଯିବାକୁ ଭୟ କରନ୍ତି ।

ସେଇଠି ମାଟି ତଳେ ଗଚ୍ଛିତ ଅମୂଲ୍ୟ ଖଣିଜ ସମ୍ପଦ ଯାହା ଦେଶ ପାଇଁ ଆଶୀର୍ବାଦ । କିନ୍ତୁ ଏହି ଖଣିଜ ସମ୍ପଦ ଯେ ସେମାନଙ୍କ ପାଇଁ ଅଭିଶାପ ପାଲଟି ଯିବ ଏକଥା ସେହି ସରଳ ପ୍ରକୃତିପ୍ରେମୀ ଆଦିବାସୀଙ୍କୁ ଜଣା ନଥିଲା । ହଠାତ୍ ଦିନେ ଦେଖାଗଲା ଅଧ ଡଜନେ ଦାମୀ କାର ସେହି ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ବେଷ୍ଟନୀ ଅଞ୍ଚଳରେ ପହଞ୍ଚିଲା । ଦୁଇ ଡଜନ ପାଖାପାଖି ସାର୍ଟ, ପ୍ୟାଣ୍ଟ, କୋର୍ଟ, ବୋଟ୍ ପିନ୍ଧା ବାବୁ ସେହି ଗାଡ଼ି ସବୁରୁ ଓହ୍ଲାଇଲେ । ଏହା ଅଞ୍ଚଳବାସୀଙ୍କ ପାଇଁ ନୂଆ କଥା ନଥିଲା । ଏମିତି ବହୁବାର ସହର ବାବୁ ବାବୁଆଣୀମାନେ ପିଲା ଛୁଆ ଧରି ଆସନ୍ତି ବୁଲାବୁଲି କରିବାକୁ । ବେଳେ ବେଳେ ଭୋଜିଭାତ କରି ଖାଇ ଫେରି ଯାଆନ୍ତି । କିନ୍ତୁ ଏଥର କଥାଟି ନିଆରା ଥିଲା । ସେମାନେ ସାଥିରେ ବେଶ୍ କିଛି ଯନ୍ତ୍ରପାତି ଧରି ଆସିଥିଲେ । ଦୁଇ ତିନିଦିନ ରହି ମାପଚୁପ କରି ଫେରିଗଲେ । ତାପରେ ଖବର ପ୍ରଚାରିତ ହେଲା କମ୍ପାନୀ କର୍ତ୍ତୃପକ୍ଷଙ୍କ ଜାଗା ପସନ୍ଦ ହୋଇଛି, କାରଖାନା ହେବ । ସରକାର ଚାହିଦା ମୁତାବକ ଜମି ଦେବେ, ବିଦ୍ୟୁତ୍, ଜଳ ଓ ଖଣିଜ ସମ୍ପଦ ଯୋଗାଇ ଦେବେ ।

କିଛି ଦିନ ପରେ ଆରମ୍ଭ ହୋଇଗଲା ଜମି ଅଧିଗ୍ରହଣ ପ୍ରକ୍ରିୟା । ଭିଟାମାଟି ଛାଡ଼ି ଚାଲିଯିବାକୁ ସରକାରଙ୍କ ନିର୍ଦ୍ଦେଶ ଆସିଲା । ନିଷିଦ୍ଧାଞ୍ଚଳ ବୋଲି ଘୋଷଣା କରି ଦିଆଗଲା । ବିଭିନ୍ନ ବସ୍ତିରେ ବାସ କରି ରହିଥିବା ସରଳ ଆଦିବାସୀଙ୍କ ଭିତରେ ଭାଳେଣି ପଡ଼ିଲା । ଭିଟାମାଟି ହରେଇବାର ଦୁଃଖରେ ସେମାନେ ଭାଙ୍ଗି ପଡ଼ିଲେ । ଭବିଷ୍ୟତ ଅନ୍ଧକାର ଦେଖାଗଲା । ରହିବେ କେଉଁଠି ? ଖାଇବେ କ’ଣ ? ଚଳିବେ କେମିତି ବାସ, ଜମି, ଜଙ୍ଗଲ ଚାଲିଗଲା ପରେ ? ସେମାନଙ୍କ ଭିତରେ ଅସନ୍ତୋଷ ବଢ଼ିଲା । ସଭା ସମିତି ଜରିଆରେ ପ୍ରତିବାଦ କଲେ । ସରକାର ସେମାନଙ୍କୁ ଆଶ୍ୱାସନା ଦେବା ପରିବର୍ତ୍ତେ ଦମନଲୀଳା ଚଳେଇଲା । ଥଇଥାନ ନକରି, ସେମାନଙ୍କ ଦାବି ନଶୁଣି ସରକାର ଯାହା କରୁଛନ୍ତି ଠିକ୍ କରୁନାହାନ୍ତି କହି ବିଭିନ୍ନ ସମାଜସେବୀ ସେମାନଙ୍କ ନିକଟରେ ପହଞ୍ଚିଲେ । ସେମାନଙ୍କ ଆନ୍ଦୋଳନକୁ ସମର୍ଥନ କଲେ । ବଳ ଯୋଗାଇଲେ । ଶାନ୍ତ ପରିବେଶଟା କ୍ରମଶଃ ଅଶାନ୍ତ ପାଲଟି ଗଲା ।

ବିଚିତ୍ର କଥା ସରକାର ସମ୍ବେଦନଶୀଳ ହେବା ପରିବର୍ତ୍ତେ କଠୋର ମନୋଭାବ ପୋଷଣ କଲେ । କହିଲେ ଏ ସବୁ ଜାଗା ସରକାରଙ୍କର । ଏମାନେ ସବୁ ଜବର ଦଖଲକାରୀ । ପ୍ରଶାସନ କମ୍ପାନୀ ସପକ୍ଷରେ କାର୍ଯ୍ୟ କଲା । ଘୋଷଣା କଲା- ନିଜସ୍ୱ ଘର ଡିହ ପଟ୍ଟା ଥିଲେ କ୍ଷତିପୂରଣ ବାବଦକୁ ଟଙ୍କା ମିଳିବ । କମ୍ପାନୀରେ ଚାକିରୀ ବି ମିଳିବ । ପୋଲିସ ଗଣତାନ୍ତ୍ରିକ ଆନ୍ଦୋଳନକୁ ଚପେଇ ଦେବାକୁ ଚେଷ୍ଟା କଲା । ଗିରଫଦାରୀ ଚଳେଇଲା । ବ୍ୟର୍ଥ ହେବା ପରେ ଦିନେ ହଠାତ୍ ଆନ୍ଦୋଳନକାରୀଙ୍କ ଉପରେ ଆଖି ବୁଜା ଗୁଳି ବର୍ଷଣ କଲା । ଏକାଧିକ ଆଦିବାସୀ ଟଳିପଡ଼ିଲେ । ଅନେକ କ୍ଷତ ବିକ୍ଷତ ହେଲେ । ରକ୍ତଛିଟାରେ କଳା ମାଟିଟା ଲାଲ୍ ହୋଇଗଲା । ପ୍ରାଣ ଭୟରେ ଲୋକେ ପଳାଇଲେ । ଏହାର ସୁଯୋଗ ନେଇ ବୁଲଡୋଜର ଚଢ଼ାଇ ଘରଗୁଡ଼ିକୁ ଭାଙ୍ଗି ମାଟିରେ ମିଶାଇ ଦେଲେ ସରକାର । ନିଷିଦ୍ଧାଞ୍ଚଳ ବାହାରେ ଯେଉଁ ଘର ଗୁଡ଼ିକ ବର୍ତ୍ତିଗଲା ସେଗୁଡ଼ିକରେ ମଧ୍ୟ ଗିରଫ ହେବା ଭୟରେ କେହି ରହିଲେ ନାହିଁ, କିଏ କୁଆଡ଼େ ପଳାଇଲେ । ଏଭଳି ବର୍ବରୋଚିତ ଘଟଣାକୁ ଦୁଇ ଚାରି ଦିନ ବିଭିନ୍ନ ମହଲରୁ ନିନ୍ଦା କରାଗଲା । କିନ୍ତୁ ମଧ୍ୟବିତ୍ତ ବର୍ଗଟି ଚୁପ୍ ରହିଲା । ସଭିଏଁ ଧରିନେଲେ ଏ ଆନ୍ଦୋଳନଟି ସେହି ମାନଙ୍କର ଯେଉଁମାନେ ଭିଟାମାଟି ହରେଇ ସର୍ବସ୍ୱାନ୍ତ ହେଲେ । ଆଉ କିଛି ଲୋକ ଭାବିଲେ କାରଖାନା ହେଲେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ । ତାଙ୍କ ପିଲାମାନେ ଚାକିରି ପାଇବେ । ଫଳରେ ମୁଣ୍ଡ ଟେକିଥିବା ଗଣତାନ୍ତ୍ରିକ ଆନ୍ଦୋଳନଟି ଦବି ଗଲା ।

ଦୁଇ ତିନି ବର୍ଷ ପରେ କାରଖାନା ନିର୍ମାଣ କାର୍ଯ୍ୟ ଶେଷ ହେଲା । ଉତ୍ପାଦନ ଆରମ୍ଭ ହେଲା । ବେଶ୍ କିଛି ଲୋକ ନିଯୁକ୍ତି ପାଇଲେ । କିନ୍ତୁ ଯେଉଁମାନେ ନିଜର ସର୍ବସ୍ୱ ହରାଇଲେ ସେମାନେ କେଉଁଠି କେଉଁ ଅବସ୍ଥାରେ ଅଛନ୍ତି ତାର କେହି ଖୋଜଖବର ନେଲେ ନାହିଁ । ଯେଉଁମାନେ ଭୟରେ ପଳାଇ ଯାଇଥିଲେ ସେମାନେ ବାସକୁ ଫେରିଲେ ସତ ବେସାହାରା ଭାବରେ । ଜଙ୍ଗଲ ନାହିଁ ସାହା କିଏ ହେବ ? ବାଧ୍ୟହୋଇ ଠିକାଦାର ଅଧୀନରେ ସେମାନଙ୍କ ଭିତରୁ ଏବେ କିଛି କାମ କରୁଛନ୍ତି ଆଉ କିଛି ଅନ୍ୟତ୍ର । ସ୍ଥାୟୀ ଭାବରେ ବସବାସ କରୁଥିବା ଲୋକମାନଙ୍କର ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ସେମିତି କିଛି ଅର୍ଥନୈତିକ ବିକାଶ ହୋଇ ନାହିଁ କହିଲେ ଚଳେ ।

ସବୁଠାରୁ ବଡ଼ ପରିବର୍ତ୍ତନ ହୋଇଯାଇଛି ପରିବେଶର । ଜଙ୍ଗଲ ସଫା ହୋଇଯାଇଛି । ପକ୍ଷୀମାନଙ୍କର କଳରବ ଆଉ ଶୁଣିବାକୁ ମିଳେ ନାହିଁ । ଅଧିକାଂଶ ଝରଣା ଶୁଖି ଯାଇଛି । ଧୂଳି, ଧୂଆଁରେ ଧୂସରିତ ଆକାଶ । ବାୟୁମଣ୍ଡଳ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲଫର ମନୋକ୍ସାଇଡ୍, ମିଥେନ ଆଦି ବିଷାକ୍ତ ଗ୍ୟାସ୍‌ରେ ପରିପୂର୍ଣ୍ଣ । ମୁକ୍ତ ବାୟୁ ପାଇବାର ଅବକାଶ ନାହିଁ । ଦଶଟା ପୂର୍ବରୁ ସୂର୍ଯ୍ୟ ଦେଖା ଯାଆନ୍ତି ନାହିଁ । ଘନ କୁହୁଡ଼ିରେ ଭର୍ତ୍ତି । ଘରେ ଘରେ ଶ୍ୱାସ ରୋଗୀ । ଫୁସଫୁସ୍, ହୃତପିଣ୍ଡ ତଥା କିଡନୀ ଜନିତ ରୋଗ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏ ଦିଗରେ କାହାର ନିଘା ନାହିଁ । ମାତ୍ର କଳା ମିଚିମିଚି ରାସ୍ତା ଲମ୍ବିଛି ସେହି ଅଞ୍ଚଳରୁ ସହର ଯାଏଁ । ପ୍ରାକୃତିକ ଜଙ୍ଗଲର ସ୍ଥାନ ନେଇଛି କଂକ୍ରିଟ ଜଙ୍ଗଲ, ଏ କଥା କହିଲେ ଭୁଲ ହେବ ନାହିଁ ।

ଆମ ରାଜ୍ୟରେ ଯେଉଁଠି ବଡ଼ ବଡ଼ ଦେଶୀ ବିଦେଶୀ କମ୍ପାନୀ ଗଢ଼ି ଉଠିଛି ସବୁଠି ଅନୁରୂପ କାହାଣୀ ଶୁଣିବାକୁ ମିଳେ । ହଜାର ହଜାର ଏକର ଜମି କମ୍ପାନୀର କବଜାରେ । ସେହି ଜମିରେ ସେମାନେ ଗଢ଼ିଛନ୍ତି ବଡ଼ ବଡ଼ ଫ୍ଲାଟ୍ । ବିକ୍ରି କରି ଅଥବା ଭଡ଼ା ସୂତ୍ରରେ ପର୍ଯ୍ୟାପ୍ତ ଅର୍ଥ ସଂଗ୍ରହ କରୁଛନ୍ତି । ବଡ଼ ବଡ଼ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଗଢ଼ିଛନ୍ତି । ସେଥିରେ ମଧ୍ୟ ବ୍ୟବସାୟ ଚାଲିଛି । ସବୁଠି ଶୋଷଣର ବୁଢ଼ୀଆଣି ଜାଲ ବିଛେଇ ଦେଇଛନ୍ତି ସେମାନେ । ବହୁମୁଖୀ ଲାଭର ସ୍ରୋତ ସେମାନଙ୍କର ଅର୍ଥର ମହାସାଗରରେ ଆସି ମିଶୁଛି । ଖଣିଜ ସମ୍ପଦର ଉତ୍ତୋଳନ ସେମାନଙ୍କ ହାତରେ । ବଡ଼ ବଡ଼ ପାହାଡ଼ ସେମାନଙ୍କ ଅଧୀନରେ । ଜଳ, ଜମି, ବିଦ୍ୟୁତ୍ ସବୁର ମାଲିକାନା ସେମାନଙ୍କ ହାତରେ ସମର୍ପି ଦେଇଛୁ । ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ଚାଲିଛି । ଆମେ ଗର୍ବରେ କହୁଛୁ ରାଜ୍ୟର ବିକାଶ ହେଉଛି । ବେଦାନ୍ତ, କଳିଙ୍ଗ ନଗର ସବୁଠି ସମାନ ଚିତ୍ର । ପଶ୍ଚାତପଟରେ ସମାନ କାହାଣୀ । କଳିଙ୍ଗ ନଗରରେ ସେଦିନର ବିଭତ୍ସ ହତ୍ୟାକାଣ୍ଡ କଥା ଭାବିଲେ ଆଜିବି ବୁକୁ ଥରି ଉଠେ । ସେଠାରେ କ’ଣ ନିରୀହ ଆଦିବାସୀଙ୍କୁ ନ୍ୟାୟ ମିଳିଲା ? ଆମ କୋଇଲା, ଆମ ଲୁହାପଥର, ଆମ ବକ୍ସାଇଟ, କ୍ରୋମାଇଟ, ଗ୍ରାଫାଇଟ ସବୁକିଛି ଆମ ସମ୍ପଦ, କିନ୍ତୁ ଆମେ ଦରିଦ୍ର । ସେଥିରୁ ରାଜ୍ୟ ଯାହା ପାଉଛି ସମୁଦ୍ରକୁ ଶଙ୍ଖେ । ସିଂହ ଭାଗ ଲୁଟି ନେଉଛନ୍ତି କର୍ପୋରେଟରମାନେ ।

ତେବେ କ’ଣ ଶିଳ୍ପ କାରଖାନାକୁ ଆମେ ବିରୋଧ କରିବା ? ନା, କୃଷି ଆମର ସଂସ୍କୃତି ହେଲେ ଶିଳ୍ପ ଆମର ଭବିଷ୍ୟତ । ଶିଳ୍ପ ସ୍ଥାପନ ନହେଲେ କର୍ମ ସଂସ୍ଥାନର ସମ୍ପ୍ରସାରଣ ହେବ ନାହିଁ । କିନ୍ତୁ ଆଖି ବୁଜି ଆମ ପ୍ରାକୃତିକ ସମ୍ପଦକୁ ଟେକିଦେଲେ ଚଳିବନି । ମନେ ରଖିବାକୁ ପଡ଼ିବ ମାଟି ତଳେ ଥିବା ପ୍ରାକୃତିକ ସମ୍ପଦ ଅସରନ୍ତି ସମ୍ପଦ ନୁହେଁ । ତାହା ପୁଣି ନବୀକରଣ ଯୋଗ୍ୟ ମଧ୍ୟ ନୁହଁ । ତାର ସୁବିନିଯୋଗ ହେବା ଆବଶ୍ୟକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପରିବେଶକୁ ସୁସ୍ଥ ରଖିବା । ଯେକୌଣସି ଘରୋଇ କମ୍ପାନୀ ଏଥିପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ । ସରକାର ମଧ୍ୟ ଯେମିତି କଠୋର ଆଭିମୁଖ୍ୟ ଦେଖେଇବା କଥା ତାହା କରୁନାହାଁନ୍ତି । କେବଳ କିଛି ମୁଷ୍ଟିମେୟ ପରିବେଶବିତ୍ ଏ ଦିଗରେ ସ୍ୱରତୋଳନ କରୁଛନ୍ତି । କିଛି ସ୍ୱେଚ୍ଛାସେବୀ ସଂଗଠନ ଆନ୍ଦୋଳନ କରୁଛନ୍ତି । ଅଧିକାଂଶ ଲୋକ ସବୁ ଦେଖି ନୀରବ । ଏହାହିଁ ଆଜି ଦିନରେ ସବୁଠାରୁ ବଡ଼ ସମସ୍ୟା । ଶିକ୍ଷିତ ହୁଅନ୍ତୁ ବା ଅଶିକ୍ଷିତ ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ କରିବାକୁ ଅଧିକାଂଶ କୁଣ୍ଠିତ । ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ହେଉ କିମ୍ବା ପରିବେଶ ବଞ୍ଚାଅ ପାଇଁ ହେଉ, ନିଶା ବିରୋଧୀ ଆନ୍ଦୋଳନ ହେଉ କିମ୍ବା ବେକାରୀ, ଦରବୃଦ୍ଧି ଭଳି ସମସ୍ୟା ବିରୋଧରେ ଆନ୍ଦୋଳନ ହେଉ ଏସବୁ ପାଇଁ ଲୋକଙ୍କ ବିମୁଖତା ସ୍ପଷ୍ଟ ବାରି ହୋଇ ପଡ଼ୁଛି । ଲୋକେ ଧରି ନେଉଛନ୍ତି ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେଥିରେ ସେମାନଙ୍କର ସ୍ୱାର୍ଥ ନିହିତ ଅଛି । ଏହି ମନୋଭାବ ବଦଳିବ କେବେ ? କେବେ ଆମେ ଭାବିବା ଯେଉଁସବୁ ଲଢ଼େଇ ଲୋକଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସେସବୁ ଲଢ଼େଇ ଆମର ବି ?

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭,
୭୦୦୮୦୭୩୫୯୯

# ସାମ୍ବିଧାନିକ ପରମ୍ପରା

ତାମିଲନାଡୁର ରାଜ୍ୟପାଳ ଆର.ଏନ.ରବି, କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆରଲେକର ଏବଂ କର୍ଣ୍ଣାଟକର ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟ ରାଜ୍ୟ ବିଧାନସଭାରେ ପରମ୍ପରାଗତ ଅଭିଭାଷଣ ଦେବା ଅବସରରେ ଯେଉଁଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ସେଥିରେ ବିସ୍ମିତ ହେବାର କାରଣ କିଛି ନାହିଁ। ଏବେ ଅଣ ବିଜେପି ଶାସିତ ରାଜ୍ୟରେ ରାଜ୍ୟପାଳମାନଙ୍କ ଅନୁରୂପ ଆଚରଣ ଏକ ପରମ୍ପରାରେ ପରିଣତ ହୋଇଗଲାଣି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଗଲା ୨୦ତାରିଖ ଦିନ ତାମିଲନାଡୁ ବିଧାନସଭାରେ ଲିଖିତ ଭାଷଣ ପଢିବାକୁ ମନା କରିଦେବା ସହ ବିଧାନସଭା ଛାଡି ଚାଲିଯାଇଥିଲେ। ତେବେ ସେ ବିଧାନସଭା ଛାଡି ଚାଲିଯିବାର କାରଣ ନେଇ ତାଙ୍କ କାର୍ଯ୍ୟାଳୟ ତଥା ଲୋକଭବନ (ରାଜଭବନ) ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି, ତାହା କେବଳ ଭିତିହୀନ ନୁହେଁ, ବିଭ୍ରାନ୍ତିକରଣ ମଧ୍ୟ। ସେହିପରି ତିରୁବନ୍ତପୁରମରେ ବିଧାନସଭାରେ ରାଜ୍ୟପାଳ ପାଠ କରିଥିବା ଅଭିଭାଷଣକୁ କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଭାଷଣକୁ ସଂଶୋଧନ କରିଥିଲେ। ମୁଖ୍ୟମନ୍ତ୍ରୀ ପିନରାଇଙ୍କ ତଥ୍ୟ ଅନୁଯାୟୀ ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦିତ ଅଭିଭାଷଣ ପୁସ୍ତିକାର କିୟଦଂଶ ରାଜ୍ୟପାଳ ଛାଡି ଦେଇ ଆଗକୁ ମାଡି ଚାଲିଯାଇଥିଲେ। ଯାହାକୁ ପିନରାଇ ସଂଶୋଧନ କରିଥିଲେ। ଆହୁରି ମଧ୍ୟ କର୍ଣ୍ଣାଟକର ରାଜ୍ୟପାଳ ଗେହଲଟ ବିଧାନସଭାରେ ଅଭିଭାଷଣ ଦେବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣର କିଛି ଅଂଶ ପଢିବାକୁ ମନା କରିଦେବା ସଙ୍ଗେ ସଙ୍ଗେ ବିଧାନସଭା ଛାଡି ଚାଲିଯାଇଥିଲେ। ଉଲ୍ଲେଖଯୋଗ୍ୟ ରାଜ୍ୟପାଳ ରବି ଏବଂ ଆରଲେକର ଦୀର୍ଘ କାଳ ଧରି ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ଶ୍ରୀ ଗେହଲଟ ଜଣେ ଅଭିଜ୍ଞ ନେତା ତଥା ସମ୍ବିଧାନ ବିଶାରଦ ଭାବେ ପରିଚିତ। ରାଜ୍ୟ ବିଧାନସଭାର ବଜେଟ ଅଧିବେଶନରେ କିମ୍ବା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଉପରେ ପ୍ରସ୍ତୁତ ପୁସ୍ତିକାକୁ କେବଳ ପାଠ କରିବା ପରମ୍ପରା ରହିଛି। ଏହା ସମ୍ବିଧାନ ନିର୍ଦ୍ଦେଶିତ। ଏହି ନିୟମ ଏବଂ ପରମ୍ପରା ପ୍ରତି ସେମାନେ ଅବଗତ ଥିବେ ନିଶ୍ଚିତ। କହିବା ବାହୁଲ୍ୟ ଯେ, ବ୍ରିଟିଶ ଶାସନ ସମୟରେ ସରକାରୀ ଅଭିଭାଷଣରୁ ବ୍ରିଟିଶ ଶାସକମାନେ କେବେହେଲେ ବିଚ୍ୟୁତ ହୋଇନଥିଲେ। ଭାରତୀୟ ସଂସଦୀୟ ଗଣତନ୍ତ୍ର ୱେଷ୍ଟମିନିଷ୍ଟର ମଡେଲ ଉପରେ ପର୍ଯ୍ୟବେସିତ। ଏବେ ରାଜ୍ୟପାଳମାନେ ଏହି ପରମ୍ପରାକୁ ଉଲଂଘନ କରି କେନ୍ଦ୍ରରେ କ୍ଷମତାସୀନ ଦଳର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅତୀତରେ ରାଷ୍ଟ୍ରପତି ଆର.ଭେଙ୍କଟରମଣ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଏହା ନିସନ୍ଦେହ ଯେ, ରାଜ୍ୟ ସରକାରଙ୍କ ସହ ରାଜ୍ୟପାଳ ରବିଙ୍କର ବିବାଦ ନୂଆ ନୁହେଁ। ବିଧାନସଭାରେ ଗୃହିତ ବିଲକୁ ମଂଜୁରୀ ଦେବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ଦୀର୍ଘ ବିବାଦ ରହିଛି। ରାଜ୍ୟପାଳ ରବି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଦୌ ଉତ୍ତମ ସମ୍ପର୍କ କିମ୍ବା ସମନ୍ୱୟ ନାହିଁ। ସେ ରାଜ୍ୟପାଳ ଭାବେ ନିଯୁକ୍ତି ପାଇବା ପରଠାରୁ ସରକାରଙ୍କ ସହ ତାଙ୍କର ବିବାଦ ଲାଗି ରହିଛି। ଏପରିକି ବିବାଦୀୟ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି। କିନ୍ତୁ କେରଳ ରାଜ୍ୟପାଳ ଆରଲେକର ଗତବର୍ଷ ଯାହା କରିଥିଲେ, ଏଥର ତାହାର ପୁନରାବୃତି ନକରି ଲିଖିତ ପୁସ୍ତକର କିଛି ଅଂଶ ଛାଡି ଦେଇ ପାଠ କରିଥିଲେ। ଏହା ନିସନ୍ଦେହ ଯେ, ରାଜ୍ୟପାଳ ରବି ସାମ୍ବାଧାନିକ ପରମ୍ପରାକୁ ବାରମ୍ବାର ଉଲଂଘନ କରିଚାଲିଛନ୍ତି। ବିଧାନସଭାର ପ୍ରଥମ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଆରମ୍ଭ ହେବା ନିୟମକୁ ସଂଶୋଧନ କରିବାକୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ୍ ଦାବି କରିଛନ୍ତି ସମ୍ବିଧାନର ୮୭ ଓ ୧୭୬ ଧାରାରେ ବର୍ଷ ଆରମ୍ଭରେ ପାର୍ଲିଆମେଂଟ ଓ ବିଧାନସଭାର ପ୍ରଥମ ଅଧିବେଶନରେ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳ ସ୍ୱତନ୍ତ୍ର ଅଭିଭାଷଣ ଦେବା ନିର୍ଦ୍ଦେଶ ରହିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟିଶ ଶାସନ କାଳର ଏହି ଧାରାକୁ ଉଚ୍ଛେଦ କରିବାକୁ ୩୫ବର୍ଷ ପୂର୍ବେ ତତ୍କାଳୀନ ରାଷ୍ଟ୍ରପତି ଆର.ଭେଙ୍କଟରମଣ ପ୍ରଧାନମନ୍ତ୍ରୀ ରାହୁଲ ଗାନ୍ଧୀ ଏବଂ ଚନ୍ଦ୍ରଶେଖରଙ୍କୁ ବାରମ୍ବାର ସୁପାରିଶ କରିଥିଲେ। ଏହି ଧାରାକୁ କାଳଗତ ଅସଂଗତି ଏବଂ ଅର୍ଥହୀନ ବୋଲି ଭେଙ୍କଟରମଣ ଦର୍ଶାଇଥିଲେ, ଯାହା ଏବେ ଯଥାର୍ଥ ମନେ ହୁଏ। ଏହି ପରାମର୍ଶ ବା ସୁପାରିଶ ପ୍ରତି କେନ୍ଦ୍ର ସରକାର ବିଚାର ବିମର୍ଷ କରିବା ଆବଶ୍ୟକ। ଏହି ଆଇନକୁ ପୁରୁଣାକାଳିଆ ବ୍ରିଟିଶ ଆଇନ ଭାବେ ଗ୍ରହଣ କରି ଉଚ୍ଛେଦ କରିବାର ସମୟ ଏବେ ଆସିଛି। ଏବେ କେନ୍ଦ୍ର ସରକାର ବହୁ ଆଇନକୁ ପୁରୁଣାକାଳିଆ, ଅଦରକାରୀ ଦର୍ଶାଇ ରଦ୍ଦ କରିଥିବାବେଳେ ଏହାକୁ ଉଚ୍ଛେଦ କରିବେ ବୋଲି ଆଶା। ହାଉସ ଅଫ କମନ୍‌ସରୁ ଆସିଥିବା ଏହି ଧାରା ଦ୍ୱୟ ଉଚ୍ଛେଦ ହେଲେ କିଛି କ୍ଷତି ହେବ ନାହିଁ। କାରଣ ସମ୍ବିଧାନର ଧାରା ୮୬ ଏବଂ ୧୭୫ରେ ରାଷ୍ଟ୍ରପତି ସାଂସଦ ଓ ବିଧାୟକମାନଙ୍କୁ ସମ୍ବୋଧନ କରିବାର ଅଧିକାର ଦେଇଛି। ରାଜ୍ୟପାଳମାନେ ନିଜର କ୍ଷମତାକୁ ସମାଲୋଚିତ ହେବାକୁ ନଦେଇ ସମ୍ବିଧାନର ନିର୍ଦ୍ଦେଶକୁ ସମ୍ମାନ ଦେବା ଉଚିତ। ଯାହାକି ସେମାନଙ୍କର ପଦ ମର୍ଯ୍ୟଦାର ଗୌରବକୁ ସମୃଦ୍ଧ କରିବ।

# ସନାତନ, ସନ୍ଥ ଓ ଶାସନ

### ଗୋପାଳ ମହାପାତ୍ର

ବିଗତ କିଛି ଦିନ ତଳେ ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ ଠାରେଏକ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୌନୀ ଅମାବାସ୍ୟାଦିନ ମାଘ ମେଳାରେ ସ୍ନାନ କରିବାକୁ ଯାଉଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଉତ୍ତର ପ୍ରଦେଶ ପୋଲିସ ଅଟକାଇବା ଓ ତାଙ୍କ ଅନୁଗାମୀଙ୍କୁ ମାରପିଟ କରିବା ଭଳି ଘଟଣା ଘଟିଥିଲା। ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ଏ ବାବଦରେ ସ୍ପଷ୍ଟିକରଣ ଦିଆଯାଇ କୁହାଯାଇଛି ଯେ ସୁରକ୍ଷା କାରଣରୁ ଶଙ୍କରାଚାର୍ଯ୍ୟଙ୍କ ବାହାନ (ପାଲିଙ୍କି)କୁ ରୋକାଯାଇଥିଲା ଏବଂ ସ୍ନାନ ପାଇଁ ପାଦରେ ଚାଲିଚାଲି ଯିବା ପାଇଁ କୁହାଯାଇଥିଲା। କିନ୍ତୁ ଶଙ୍କରାଚାର୍ଯ୍ୟ ଏକଥାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅନ୍ୟ ପକ୍ଷେ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଅଭିଯୋଗ କରିଛନ୍ତି ଯେ ସେ ସ୍ନାନ ପାଇଁ ତାଙ୍କ ଭକ୍ତ ଓ ଅନୁଗାମୀ ମାନଙ୍କ ସହ ଯାଉଥିବା ବେଳେ ମେଳା ପ୍ରାଧିକରଣ ପକ୍ଷରୁ ଦାୟୀତ୍ୱରେ ଥିବା ପୋଲିସ ତାଙ୍କ ପାଲିଙ୍କିକୁ ଅଟକାଇ ଦେଇଥିଲେ ଓ ମାତ୍ର କିଛି ଅନୁଗାମୀଙ୍କ ସହ ସ୍ନାନ ପାଇଁ ଯିବାକୁ ବାଧ୍ୟ କରିଥିଲେ। ଶଙ୍କରାଚାର୍ଯ୍ୟ ପୁରା ସମ୍ମାନର ସହ ଯିବା ପାଇଁ କହିବାରୁ ପୋଲିସ ତାଙ୍କୁ ଅଟକାଇଥିଲେ। ପୋଲିସ ଶଙ୍କରାଚାର୍ଯ୍ୟଙ୍କର କିଛି ଅନୁଗାମୀଙ୍କୁ ଥାନାକୁ ନେଇ ନିସ୍ତୁକ ମାଡ ମାରିଥିଲେ ବୋଲି ମଧ୍ୟ ଅଭିଯୋଗ ହେଉଛି। ଏ ଘଟଣାରେ କ୍ଷୁବ୍ଧ ଅବିମୁକ୍ତେଶ୍ୱରାନନ୍ଦ ସ୍ନାନ କରି ପାରିନଥିଲେ ଓ ଅନଶନରେ ବସିଥିଲେ।

ପୋଲିସ ସୁରକ୍ଷାର କଥା କହିଥିବା ବେଳେ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଶ୍ୟ ମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ସଂବେଦନଶୀଳ ନିଶ୍ଚୟ। ଅଭିଯୋଗ ଅନୁସାରେ ଶଙ୍କରାଚାର୍ଯ୍ୟଙ୍କୁ ଅପମାନିତ କରାଯିବା ସହ ତାଙ୍କ ଶିଷ୍ୟମାନଙ୍କ ଚୁଟି ଘୋଷରିମାଡ଼୍ ମରାଯାଇଥିଲା। ଏ ଘଟଣାକୁ ଏକ ସାଧାରଣ ଘଟଣା ବୋଲି କୁହାଯାଉନାହିଁ ବରଂ ଏହା ଏକ ସୁନିୟୋଜିତ ସାଂସ୍କୃତିକ ଅପମାନ ବୋଲି କୁହାଯାଉଛି। କାରଣ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ମାନେ ବିରୋଧ ବା ପ୍ରଦର୍ଶନ ପାଇଁ ଯାଉନଥିଲେ ବରଂ ଆତ୍ମଶୁଦ୍ଧି ଏବଂ ଈଶ୍ୱର ଆରାଧନା ପାଇଁ ସଂଗମ ଘାଟକୁ ଯାଉଥିଲେ। ସନାତନ ଧର୍ମର ସୁରକ୍ଷା ଦେବା କଥା କହୁଥିବା ଉତ୍ତରପ୍ରଦେଶର ବିଜେପି ସରକାରର ଶାସନକାଳରେ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ଶିଷ୍ୟମାନଙ୍କୁ ପ୍ରୟାଗରାଜ ଠାରେ ଅପମାନିତ କରାଗଲା କାହିଁକି ? ଏହି ଘଟଣା ପରେ ୧୯ ତାରିଖରେ ଉତ୍ତରପ୍ରଦେଶ ପ୍ରଶାସନ ପକ୍ଷରୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରାଯାଇଥିଲା ଓ ୨୪ ଘଣ୍ଟା ମଧ୍ୟରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ କରିବାକୁ କୁହାଯାଇଥିଲା। ଶଙ୍କରାଚାର୍ଯ୍ୟଙ୍କୁ ସ୍ନାନ କରିବାପାଇଁ ରୋକିବାର ଘଟଣା ଓ ଶଙ୍କରାଚାର୍ଯ୍ୟ ବୋଲି ନିଜକୁ ପ୍ରମାଣିତ କରିବା ପାଇଁ ନୋଟିସ ଦିଆଯିବା ଘଟଣାକୁ ନେଇ ଦେଶର ଅନେକ ସାଧୁସନ୍ଥ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶଙ୍କରାଚାର୍ଯ୍ୟ କେମିତି ହୋଇଥାନ୍ତି ଓ କିଏ ଶଙ୍କରାଚାର୍ଯ୍ୟ କରିଥାଏ ସେ କଥା କ’ଣ ସରକାର ସ୍ଥିର କରିବେ ? ସରକାର କ’ଣ ସ୍ଥିର କରିବେ ଶଙ୍କରାଚାର୍ଯ୍ୟ କିଏ ଓ କିଏ ନୁହେଁ ?

ଭକ୍ତଙ୍କ ଭିଡ ଓ ସୁରକ୍ଷା ବାହାନାରେ ଶଙ୍କରାଚାର୍ଯ୍ୟଙ୍କ ପାଲିଙ୍କି କୁ ଅଟକାଇବା, ତାଙ୍କଅନୁଗାମୀଙ୍କୁ ମାରିବା ଏବଂ ଅପମାନିତ କରିବା ପରେ ତାଙ୍କ ଶଙ୍କରାଚାର୍ଯ୍ୟ ପଦବୀକୁ ଚାଲେଞ୍ଜ କରିବାର ଅର୍ଥ ହେଉଛି ଯେ କୌଣସି ପୂର୍ବାଗ୍ରହ କାରଣରୁ ତାଙ୍କୁ ଅଟକାଯାଇଥିଲା। ଦୁର୍ଭାଗ୍ୟର କଥା ହେଉଛି ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରନନ୍ଦଙ୍କ ଘଟଣାରେ ରାମଭଦ୍ରାଚାର୍ଯ୍ୟଙ୍କ ଭଳି କିଛି ହାତଗଣତି ସନ୍ଥ ବୋଲାଉଥିବା ବ୍ୟକ୍ତି ଏବେ ସରକାରଙ୍କ ଭାଷା ବୋଲିବାରେ ଲାଗିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଅବିମୁକ୍ତେଶ୍ୱରନନ୍ଦଙ୍କୁ ଅଟକାଇବା ଓ ତାଙ୍କୁ ଅପମାନିତ କରିବା କେବଳ ଗାଦିର ଅହଂକାରର ଏକ ଉଦାହରଣ ନୁହେଁ ବରଂ ଏହା ପଛରେ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିରୁଦ୍ଧରେ ଉତ୍ତର ପ୍ରଦେଶ ସରକାରର ପୂର୍ବାଗ୍ରହ ରହିଛି। ଦେଶର ଅଧିକାଂଶ ସନ୍ଥ ସାଧୁ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ହୋଇଥିବା ଅପମାନ କାରଣରୁ ଦୁଃଖ ପ୍ରକାଶ ଓ ଘଟଣାର ନିନ୍ଦା କରୁଛନ୍ତି। ଦେଶର କୋଣ ଅନୁକୋଣରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି, ଯେଉଁଥିପାଇଁ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିଗତ କିଛି ବର୍ଷର ସକ୍ରିୟତା ବାବଦରେ ଯଦି ଆମେ ଦେଖିବା ତେବେ ଅନେକ କଥା ନଜରକୁ ଆସେ। ଅବିମୁକ୍ତେଶ୍ୱରାନନ୍ଦ ଜଣେ ସ୍ପଷ୍ଟବାଦୀ। ୨୦୨୪ ଜାନୁୟାରୀରେ ଅଯୋଧ୍ୟା ରାମମନ୍ଦିରର ପ୍ରାଣ ପ୍ରତିଷ୍ଠାକୁ ସେ ବିରୋଧ କରିଥିଲେ ଓ କହିଥିଲେ ଯେ ମନ୍ଦିରର ଶିଖର (ଚୁଳ), କଳଶ ଏବଂ ଧ୍ୱଜ ସ୍ଥାପନ ପୂର୍ବରୁ ଅଧାଗଢା ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯିବା ଉଚିତ୍ ନୁହେଁ। ଏଭଳି ଅଧାଗଢା ମନ୍ଦିରରେ ମୂର୍ତ୍ତି ସ୍ଥାପନ ଶାସ୍ତ୍ର ବିରୁଦ୍ଧ ଅଟେ। ସେହିଭଳି ନଭେମ୍ବର୨୦୨୫ରେ ରାମମନ୍ଦିରର ଧ୍ୱଜାରୋହଣକୁ ମଧ୍ୟସେ ବିରୋଧ କରି କହିଥିଲେ ଯେ ଶାସ୍ତ୍ରରେ ଧ୍ୱଜାରୋହଣ କଥା ନାହିଁ। ଏପରିକି ଅଧାଗଢ଼ା ମନ୍ଦିରରେ ମୂର୍ତ୍ତୀ ପ୍ରତିଷ୍ଠା ଓ ଧ୍ୱଜାରୋହଣର ଆୟୋଜନକୁ ଶାସ୍ତ୍ର ବିରୋଧି କହିବା ସହ ଏହି ଆୟୋଜନ ବେଳେ ଶଙ୍କରାଚାର୍ଯ୍ୟଙ୍କୁ ଆମନ୍ତ୍ରଣ କରାନଯିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣାରେ ସେ ଯୋଗୀ ସରକାରର କଡ଼ା ସମାଲୋଚନା କରିଥିଲେ । ଏପରିକି କୁମ୍ଭମେଳାରେ ଘଟିଥିବା ଅଘଟଣା ପାଇଁ ଯୋଗୀ ସରକାରକୁ ଦାୟୀ କରି ଯୋଗୀ ଆଦିତ୍ୟନାଥ ଇସ୍ତଫା ଦେବା ଉଚିତ୍ ବୋଲି କହିଥିଲେ।

ଏତିକି ନୁହେଁ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ବାରାଣାସୀର କାଶି ବିଶ୍ୱନାଥ କରିଡ଼ର ନିର୍ମାଣଆଳରେ ପୁରାତନ ମନ୍ଦିର ଭଙ୍ଗାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହି କରିଡ଼ର ସ୍ଥାପନ ପାଇଁ ଗୋବିନ୍ଦେଶ୍ୱର ମହାଦେବ ମନ୍ଦିର ଭାଙ୍ଗିଯିବା ଘଟଣାକୁ ବିରୋଧକରି ସେ ଧାରଣାରେ ବସିଥିଲେ ଓ ଧର୍ମ ସଂସଦ ମଧ୍ୟ ଚଳାଇଥିଲେ। ଶଙ୍କରାଚାର୍ଯ୍ୟ ହେଉଛନ୍ତି ସନାତନ ଧର୍ମର ଆଦିଗୁରୁ ଓ ସନ୍ଥ ପରମ୍ପରାର ବାହକ। ଦେଶରେ ଥିବା ୪ଟି ପୀଠ ମଧ୍ୟରୁ ବଦ୍ରୀନାଥର ଜ୍ୟୋତିପୀଠର ଶଙ୍କରାଚାର୍ଯ୍ୟ ହେଉଛନ୍ତି ଅବିମୁକ୍ତେଶ୍ୱରାନନ୍ଦ। ସନାତନଧର୍ମ ସମ୍ବନ୍ଧିତ ସମସ୍ତ ନିର୍ଣ୍ଣୟ ଏହି ପୀଠର ଶଙ୍କରାଚାର୍ଯ୍ୟ ହିଁ କରିଥାନ୍ତି। ଏଣୁ ଶଙ୍କରାଚାର୍ଯ୍ୟ ଭଳି ବରିଷ୍ଠତମ ଧାର୍ମିକ ପଦରେ ଅଧିଷ୍ଠିତ ତଥା ସର୍ବମାନ୍ୟ ସନ୍ଥଙ୍କୁ ଅପମାନିତ କରାଯିବାର ଅର୍ଥ ହେଉଛି ପ୍ରକାରାନ୍ତରେ ସନାତନ ଧର୍ମକୁ ଅପମାନିତ କରିବା। ଏବେ ସନ୍ଥ ସମାଜ ଓ ସନାତନୀ ମାନେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଅପମାନିତ କରାଯିବା ଘଟଣାକୁ ନେଇ କ’ଣ ପଦକ୍ଷେପ ନେବେ ସେକଥା ସମୟ କହିବ କିନ୍ତ ନିଜକୁ ସନାତନି ଓ ହିନ୍ଦୁ କହୁଥିବା ଲୋକେ ଏ ବାବଦରେ ଭାବିବେ ନିଶ୍ଚୟ।

ରାମଚନ୍ଦ୍ରପୁର, ରଣପୁର
ମୋ୯୪୩୮୪୮୫୦୯୪

# ଅତୁଟ ସଂକଳ୍ପ ଓ ରାଷ୍ଟ୍ରବାଦର ପ୍ରଥମ ଉଦଘୋଷଣ

### ସତ୍ୟ ମହାପାତ୍ର

ଭାରତ ପାଳନ କରିଛି ୭୭ତମ ଗଣତନ୍ତ୍ର ଦିବସ। ଏ ଥର ମୁଖ୍ୟ ପରେଡର ଥିମ୍ ରହିଥିଲା ବନ୍ଦେ ମାତରମ୍। ପରେଡ଼ରେ କର୍ତ୍ତବ୍ୟ ପଥରେ ୩୦ ପ୍ଲାଟୁନ ବାହାରିଥିଲା, ଯାହା ‘ସ୍ୱତନ୍ତ୍ରତାର ମନ୍ତ୍ର - ବନ୍ଦେ ମାତରମ୍, ସମୃଦ୍ଧିର ମନ୍ତ୍ର - ଆତ୍ମ ନିର୍ଭର ଭାରତ’ ଥିମ୍ ଉପରେ ଆଧାରିତ ହୋଇଥିଲା। କର୍ତ୍ତବ୍ୟ ପଥରେ ଏନକ୍ଲୋଜରର ପ୍ରଚ୍ଛଦରେ ବନ୍ଦେ ମାତରମ୍ ପଂକ୍ତିଯୁକତ ପୁରୁଣା ଚିତ୍ରକଳା ପ୍ରସ୍ତୁତ ହୋଇଥଲା।ୟ। ମୁଖ୍ୟ ମଞ୍ଚରେ ଫୁଲରେ ବନ୍ଦେ ମାତରମର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

୧୮୯୬ ମସିହାରେ ରବୀନ୍ଦ୍ରନାଥ ଟାଗୋର ‘ବନ୍ଦେ ମାତରମ୍’ଙ୍କୁ ସ୍ୱର ଦେଇ ସଜାଇ ଥିଲେ ଏବଂ କୋଲାକାତା କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରିଥିଲେ, ଯାହା ଫଳରେ ଏହି ବାଣୀ ଅମରତ୍ୱ ପ୍ରାପ୍ତ ହୋଇଥିଲା। ଏହି ଗୀତ ଭାଷା ଏବଂ କ୍ଷେତ୍ରର ସୀମାକୁ ଅତିକ୍ରମ କରି ଆଗକୁ ବଢ଼ିବା ସହିତ ସମଗ୍ର ଦେଶରେ ଗୁଞ୍ଜରିତ ହୋଇ ଉଠିଥିଲା। ତାମିଲନାଡୁରେ ସୁବ୍ରମଣ୍ୟମ ଭାରତୀଜୀ ଏହାକୁ ତାମିଲରେ ଅନୁବାଦ କରିଥିଲେ ଏବଂ ପଞ୍ଜାବରେ କ୍ରାନ୍ତିକାରୀମାନେ ଏହି ଗୀତକୁ ଗାଇ ଗାଇ ବ୍ରିଟିଶ ଶାସନକୁ ଖୋଲାଖୋଲି ଭାବରେ ଚାଲେଞ୍ଜ କରିଥିଲେ।

ବଙ୍କିମଚନ୍ଦ୍ରଙ୍କର ଏହି ମହାନ ମନ୍ତ୍ର ଏକ ପ୍ରାର୍ଥନା ମଧ୍ୟ ଥିଲା ଏବଂ ଦେଶ ତଥା ଦେଶବାସୀଙ୍କ ପାଇଁ ଭବିଷ୍ୟବାଣୀ ମଧ୍ୟ ଥିଲା। ‘ବନ୍ଦେ ମାରତମ୍’ କେବପଳ ଭାରତର ରାଷ୍ଟ୍ରୀୟ ଗୀତ ନୁହେଁ, କେବଳ ସ୍ୱାଧୀନତା ଆନ୍ଦୋଳନର ପ୍ରାଣଶକ୍ତି ନୁହେଁ, ବରଂ ଏହା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ‘ସାଂସ୍କୃତିକ ରାଷ୍ଟ୍ରବାଦ’ର ଥିଲା ପ୍ରଥମ ଉଦଘୋଷଣା, ଅର୍ଥାତ୍ ଆଦ୍ୟ ଓଁକାର। ଏହା ଆମକୁ ସ୍ମରଣ କରାଇ ଦେଇଥିଲା ଯେ ଭାରତ କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଏକ ଭୂସାଂସ୍କୃତିକ ରାଷ୍ଟ୍ର ମଧ୍ୟ, ଯାହାର ଏକତା ଏହାର ସଂସ୍କୃତି ଓ ସଭ୍ୟତା ଠାରୁ ହିଁ ଉଦ୍ଭୁତ ଏବଂ ସେହି ଉତ୍ସରୁ ତାହା ଜନ୍ମ ନେଇଛି। ଏହା କେବଳ ଭୂ-ଭାଗ ନୁହେଁ ବରଂ ଏକ ତୀର୍ଥ ଅଟେ, ସ୍ମୃତି, ତ୍ୟାଗ, ଶୌର୍ଯ୍ୟ ଏବଂ ମାତୃତ୍ୱ ସହିତ ବାନ୍ଧି ହୋଇ ରହିଥିବା ଏକ ପବିତ୍ର ଭୂମି ଅଟେ।

୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ, ବଙ୍ଗଳାରେ ବିଦ୍ରୋହର ଅଗ୍ନି ଦାବାନଳ ପରି ଚାରିଆଡ଼େ ପ୍ରସାରିତ ହୋଇଥିଲା। ଇଂରେଜ ସରକାର ‘ବନ୍ଦେ ମାତରମ୍’ ସଙ୍ଗୀତର ସାର୍ବଜନୀନ ଗାନ ଉପରେ କଠୋର ପ୍ରତିବନ୍ଧକ ଲଗାଇ ଦେଇଥିଲେ। ଏହା ବ୍ୟତୀତ, ୧୪ ଏପ୍ରିଲ ୧୯୦୬ ତାରିଖ ଦିନ ବରିସାଲରେ, ହଜାର ହଜାର ସଂଖ୍ୟକ ଲୋକ ସରକାରଙ୍କ ଏହି ଆଦେଶକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯେତେବେଳେ ପୁଲିସ ସେଠାରେ ଆୟୋଜିତ ଏକ ଶାନ୍ତିପୂର୍ଣ୍ଣ ଜନସଭା ଉପରେ ଲାଠି ପ୍ରହାର ଆରମ୍ଭ କରିଥିଲା, ସେଠାରେ ଉପସ୍ଥିତ ପୁରୁଷ ଓ ମହିଳା ମାନେ ସଡ଼କ ଉପରେ ପୁଲିସର ଲାଠି ପ୍ରହାରରେ ଲହୁଲୁହାଣ ହୋଇଥିଲେ ସତ କିନ୍ତୁ ସେମାନଙ୍କ ତୁଣ୍ଡରୁ ‘ବନ୍ଦେ ମାତରମ୍’ ସ୍ୱର କାଦପି ଲିଭି ନଥିଲା।

‘ବନ୍ଦେ ମାତରମ୍’ ସ୍ୱାଧୀନତା ସଂଗ୍ରାମର ଗୀତ, ଅତୁଟ ସଂକଳ୍ପର ଭାବନା ଏବଂ ଭାରତ ଜାଗରଣର ପ୍ରଥମ ମନ୍ତ୍ର ମଧ୍ୟ। ରାଷ୍ଟ୍ରର ଆତ୍ମାରୁ ଜନ୍ମିଥିବା ଶବ୍ଦ କଦାପି ଶେଷ ହୋଇ ନଥାଏ ତାହା ସଦୈବ ଜୀବନ୍ତ ରହିଥାଏ, ପିଢ଼ି ପିଢ଼ି ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇଥାଏ। ଏହି ଜୟଘୋଷ ଯୁଗ ଯୁଗ ଧରି ଏବଂ ପିଢ଼ି ପିଢ଼ି ଧରି ଅନନ୍ତକାଳ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୋଇ ଚାଲିଥିବ। ଏବେ ସମୟ ଆସିଛି ଯେ ଆମେ ନିଜର ଇତିହାସ, ନିଜର ସଂସ୍କୃତି, ନିଜର ମାନ୍ୟତା ଗୁଡ଼ିକୁ ଏବଂ ନିଜର ପରମ୍ପରାକୁ ଭାରତୀୟତା ଦୃଷ୍ଟିରେ ଦେଖିବା। ‘ବନ୍ଦେ ମାତରମ୍’। ଏ ଥର ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଥିଲେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଭର୍ସୁଲା ଭନ ଡେର ଲେୟେନ। ପରେଡ଼ରେ ପ୍ରଥମ ଥର ବ୍ୟାକ୍ଟିଆନ୍ ଓଟ, ନୂଆ ବାଟାଲିୟନ ଭୈରବ ମଧ୍ୟ ମାର୍ଚ୍ଚପୋଷ୍ଟ କରିବ। ଏଥିରେ ଫ୍ଲାଇପୋଷ୍ଟରେ ରାଫେଲ, ସୁ-୩୦, ଅପାଚେ ଭଳି ୨୯ ବିମାନ ସାମିଲ ହୋଇଥଲେ।

‘ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨
E-mail : mohapatrasatya67@gmail.com

# ବରାହ ଦ୍ୱାଦଶୀ

### ଅଲେଖ ଚନ୍ଦ୍ର ସାମଲ

ମାଘ ଶୁକ୍ଲପକ୍ଷ ଦ୍ୱାଦଶୀ ଭଗବାନ ବିଷ୍ଣୁଙ୍କ ପୂଜା ପାଇଁ ଅତି ଶୁଭ ଅବସର। ଏହି ଦ୍ୱାଦଶୀକୁ ଗୋବିନ୍ଦ ଦ୍ୱାଦଶୀ, ଭୀଷ୍ମ ଦ୍ୱାଦଶୀ ଏବଂ ବରାହ ଦ୍ୱାଦଶୀ ବୋଲି କୁହାଯାଇଥାଏ। ସେହିପରି ମାଘ ମାସ ଶୁକ୍ଲପକ୍ଷ ଏକାଦଶୀକୁ ଭୈମୀ ଏକାଦଶୀ ବା ଜୟା ଏକାଦଶୀ କୁହାଯାଇଥାଏ। ଶ୍ରଦ୍ଧାପୂର୍ବକ ଏହି ଏକାଦଶୀ ବ୍ରତ କଲେ ବ୍ରହ୍ମହତ୍ୟା ଭଳି ପାପରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଏକାଦଶୀ ବ୍ରତ ଦ୍ୱାରା ପିଶାଚ ଯୋନୀରୁ ମଧ୍ୟ ମୁକ୍ତି ମିଳିଥାଏ। ଏହି ଦ୍ୱାଦଶୀ ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ। ଲକ୍ଷ୍ମୀ କୃପା ପ୍ରାପ୍ତି ହୁଏ। ଧନଧାନ୍ୟ ଏବଂ ସୁଖ ମିଳିଥାଏ। ସମସ୍ତ ମନୋସ୍କାମନା ପୂରଣ ହେବା ସହ ପାପର ବୋଝ କମ୍ ହୋଇଥାଏ। ମାଘ ଶୁକ୍ଳ ଦ୍ୱାଦଶୀର ଅନେକ ପୌରାଣିକ ମହତ୍ତ୍ୱ ରହିଛି। ସତ୍ୟ ଯୁଗରେ ରାକ୍ଷସ ହିରଣାକ୍ଷ ପୃଥିବୀକୁ ନେଇ ସମୁଦ୍ର ଗର୍ଭରେ ବୁଡ଼ାଇ ଦେଇଥିଲା। ଭଗବାନ ବିଷ୍ଣୁ ବରାହ ରୂପ ଧାରଣ କରି ଏହି ପବିତ୍ର ଦିନରେ ହିଁ ପୃଥିବୀକୁ ଉଦ୍ଧାର କରିଥିଲେ।

ମହାଭାରତ କାଳରେ ଶରଶଯ୍ୟାରେ ଶୋଇ ରହିଥିବା ପିତାମହ ଭୀଷ୍ମ ମାଘ ଅଷ୍ଟମୀ ତିଥିରେ ଇଚ୍ଛାମୃତ୍ୟୁ ଅନୁଯାୟୀ ପ୍ରାଣ ତ୍ୟାଗ କରିଥିଲେ। ତେବେ ଦ୍ୱାଦଶୀ ଦିନ ହିଁ ତାଙ୍କର ତର୍ପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେଥିପାଇଁ ଏହାକୁ ଭୀଷ୍ମ ଦ୍ୱାଦଶୀ ମଧ୍ୟ କୁହାଯାଏ। ଏହି ପବିତ୍ର ତିଥିରେ ଭଗବାନ ଲକ୍ଷ୍ମୀନାରାୟଣଙ୍କ ପୂଜା କରିବା ଉଚିତ। ଓଁ ନମଃ ନାରାୟଣାୟ ନମଃ ମନ୍ତ୍ରରେ ଜପ କରିବା ଆବଶ୍ୟକ। ଏହି ଦିନ ସ୍ନାନଦାନ କରିବା ଦ୍ୱାରା ଅଖଣ୍ଡ ପୂଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନ ଓ ଧର୍ମ ବିଶ୍ୱାସର ବରାହ ଦ୍ୱାଦଶୀ ଏକ ପୁଣ୍ୟତମ ଦିବସ। ଏହି ଦିନ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ଓ ବିଷ୍ଣୁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଏହି ଦିନରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ବରାହ ବେଶ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି।

ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
E-mail : alekha007samal@gmail.com



# ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରୁଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଜାତିଭିତ୍ତିକ ଭେଦଭାବ ରୋକିବା ସଂକ୍ରାନ୍ତ ନୂଆ ନିୟମକୁ ଦେଶ ସାରା ସବର୍ଣ୍ଣ ବର୍ଗ ପକ୍ଷରୁ ବିରୋଧ ଚାଲିଛି । ତେବେ ୟୁଜିସିର ନୂଆ ନିୟମକୁ ଚାଲେଞ୍ଜ କରି ହୋଇଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ତୁରନ୍ତ ତାଲିକାଭୁକ୍ତ କରିବା ପାଇଁ ବୁଧବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ଆବେଦନ ରଖାଯାଇଥିବାବେଳେ ନୂଆ ନିୟମ ସାଧାରଣବର୍ଗର ଛାତ୍ରଛାତ୍ରୀଙ୍କ ବିରୋଧରେ ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ କ'ଣ ଘଟୁଛି, ସେ ବିଷୟରେ ଅବଗତ ଥିବା ଖଣ୍ଡପୀଠ କହିବା





ସହିତ ଜନସ୍ୱାର୍ଥ ମାମଲାରେ ରହିଥିବା ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଛନ୍ତି । ଜାନୁଆରି ୧୩ରେ ୟୁଜିସି ଏହାର ନୂତନ ନିୟମ 'ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬'କୁ ସୂଚିତ କରିଥିଲା । ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍ପଲାଇନ ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କମିଟିରେ ଏସ୍ସି, ଏସ୍ଟି, ଓବିସି ଓ ପିଡବ୍ଲ୍ୟୁଡି ବର୍ଗର ସଦସ୍ୟଙ୍କ ସହିତ ମହିଳା ସଦସ୍ୟଙ୍କୁ ସାମିଲ କରିବାକୁ କୁହାଯାଇଛି । ଏହି ନୂଆ ନିୟମ ୟୁଜିସିର ପୂର୍ବ ନିୟମ ବଦଳରେ ଲାଗୁ ହେବ ।

## ଆମେରିକାକୁ ବଡ଼ ଝଟକା

# ଲଞ୍ଚପ୍ୟାଡ୍ ହେବାକୁ ମନା କଲେ ସାଉଦି ଆରବ-ୟୁଏଇ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଦୁଇଦେଶ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଥିବା କୁହାଯାଉଛି । ଉଭୟ ଦେଶ ମଧ୍ୟରେ ସାମରିକ, ରାଜନୈତିକ ଓ ରଣନୈତିକ ମୁକାବିଲା ଜାରି ରହିଛି । ଇରାନ ବିରୋଧରେ ପରମାଣୁ କାର୍ଯ୍ୟକ୍ରମ ଉଲ୍ଲଂଘନ, ଆଞ୍ଚଳିକ ମିଲିସିଆକୁ ସମର୍ଥନ ତଥା ମାନବାଧିକାର ଉଲ୍ଲଂଘନ କରିବା ଭଳି ଅଭିଯୋଗ ଆମେରିକା ଆଣିଛି । ତେବେ ଆମେରିକା ମଧ୍ୟପ୍ରାଚ୍ୟରେ ହସ୍ତକ୍ଷେପ ଓ କଟକଣା ମାଧ୍ୟମରେ ଇରାନର ଅର୍ଥନୀତିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରାଯାଉଛି । ଗତ କିଛି ମାସ ମଧ୍ୟରେ, ଆମେରିକା ଉପସାଗରୀୟ ଅଞ୍ଚଳରେ ବିମାନ ବାହକ, ଯୁଦ୍ଧଜାହାଜ ଓ ଲଢୁଆ ବିମାନ ମୁତୟନ କରିଛି । ଜବାବରେ, ଇରାନ ଚେତାବନୀ ଦେଇଛି ଯେ, ଆମେ ଯେକୌଣସି ଆକ୍ରମଣକୁ ଏକ ପୂର୍ଣ୍ଣ-ସ୍ତରର ଯୁଦ୍ଧ ଭାବରେ ଗ୍ରହଣ କରିବୁ । ଦୁଇ ଦେଶ ମଧ୍ୟରେ ବୟାନବାଜି, ସାମରିକ ପ୍ରସ୍ତୁତି, କଟକଣା, ସାଇବର ଓ ଗୁପ୍ତଚର କାର୍ଯ୍ୟ ପ୍ରଭୃତି ସ୍ଥିତିକୁ ଅଧିକ ଜଟିଳ କରୁଛି । ବୁଧବାର ଦିନ ଆମେରିକାର ରାଷ୍ଟ୍ରପତି



ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଏକ ବଡ଼ ଆମେରିକୀୟ ନୌସେନା ଇରାନ ଅଭିମୁଖେ ଯାଉଛି । ମୁଁ ଆଶା କରୁଛି ଏସବୁର ବ୍ୟବହାର କରିବାକୁ ପଡ଼ିବ ନାହିଁ । ଟ୍ରମ୍ପ ପୁଣି ଥରେ ତେହେରାନକୁ ପ୍ରତିବାଦକାରୀଙ୍କୁ ହତ୍ୟା ଓ ପରମାଣୁ କାର୍ଯ୍ୟକ୍ରମ ପୁନଃଆରମ୍ଭ କରିବା ଯେକୌଣସି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି । ସେ ଇରାନକୁ ଏକ ବାଣିଜ୍ୟ ଚୁକ୍ତି କରିବାକୁ ନଚେତ ପରିଣାମ ଭୋଗିବାକୁ ମଧ୍ୟ ଧମକ ଦେଇଛନ୍ତି । ଆମେରିକାର ଏହି ପଦକ୍ଷେପ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଇରାନ କହିଛି । ଇରାନ ୟୁଏଇ ସହିତ ଆଲୋଚନା କରିଥିଲା । ଯାହା ପରେ ୟୁଏଇ ସ୍ପଷ୍ଟ ଭାବରେ କହିଥିଲା ଯେ, ଆମର ଆକାଶ ସୀମା, ସ୍ଥଳ କିମ୍ବା ଜଳକୁ କୌଣସି ଆକ୍ରମଣାତ୍ମକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦିଆଯିବ ନାହିଁ । ସାଉଦି ଆରବ ସହିତ ମଧ୍ୟ ଇରାନ ସମାନ ଆଲୋଚନା କରିଛି । ଆମେରିକାକୁ ଏକ ଝଟକା ଦେଇ ସାଉଦି ଆରବ କହିଛି ଯେ, ଆମେ ତେହେରାନ ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମର ଆକାଶ ସୀମା କିମ୍ବା ଭୂମି ବ୍ୟବହାର କରିବାକୁ ଦେବୁ ନାହିଁ । ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଇରାନ ରାଷ୍ଟ୍ରପତି ମାସୁଦ ପେଶକିୟାନଙ୍କ ସହିତ ଆଲୋଚନା ପରେ ଏହି ବିବୃତି ଦେଇଛନ୍ତି । ଉଭୟ ଦେଶ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ସେମାନଙ୍କ ଦେଶକୁ କୌଣସି ସାମରିକ ଆକ୍ରମଣ ପାଇଁ ଲଞ୍ଚପ୍ୟାଡ୍ ହେବାକୁ ଦେବେ ନାହିଁ ।

# ମାଘ ମେଳା ଛାଡ଼ି କାଶୀ ଗଲେ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ମୌନି ଅମାବାସ୍ୟାରେ ହୋଇଥିବା ବିବାଦକୁ ନେଇ ଅସନ୍ତୋଷ ଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ମାଘ ମେଳା ଅଧାରୁ ଛାଡ଼ି କାଶୀ ଚାଲି ଯାଇଛନ୍ତି । ବୁଧବାର ସକାଳେ ଶଙ୍କରାଚାର୍ଯ୍ୟ ହଠାତ ମେଳା ଛାଡ଼ିବାକୁ ନିଷ୍ପତ୍ତି ନେବା ପରେ ପ୍ରୟାଗରାଜରୁ କାଶୀ ଅଭିମୁଖେ ଯାତ୍ରା କରିଥିଲେ । ଅମାବାସ୍ୟାରେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ବିବାଦ ପରେ ଶଙ୍କରାଚାର୍ଯ୍ୟ ଚଳିତ ବର୍ଷ ସଙ୍ଗମରେ ସ୍ନାନ ମଧ୍ୟ କରିନଥିଲେ । ସେ ନିଜ ଶିବିରକୁ ନ ଯାଇ ୧୧ ଦିନ ଧରି ଶିବିର ବାହାରେ ଧାରଣା ଦେଇଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ଶଙ୍କରାଚାର୍ଯ୍ୟ ସମର୍ଥକଙ୍କ ସହିତ କଥାବାର୍ତ୍ତା କରିବା ପରେ ମାଘ ମେଳା ଛାଡ଼ି ଦେଇଥିଲେ । ପ୍ରଥମ ଥର ପାଇଁ ଶଙ୍କରାଚାର୍ଯ୍ୟ ମାଘମେଳା ଯିବା ପରେ ବି ସ୍ନାନ ନ କରି ଫେରିଆସିଥିଲେ । ମାଘ ମେଳା ପ୍ରତିବର୍ଷ ମକର ସଂକ୍ରାନ୍ତିରୁ ମହାଶିବରାତ୍ରି ପର୍ଯ୍ୟନ୍ତ ଦେ ମାସ ଚାଲିଥାଏ । କିନ୍ତୁ କଳ୍ପବାସ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମକର ସଂକ୍ରାନ୍ତିରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ରହିଥାନ୍ତି । ସାଧୁସନ୍ଥଙ୍କ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ମାଘ ମାସ ମେଳା ପର୍ଯ୍ୟନ୍ତ ସେ ଧାରଣାରେ ବସି ରହିବେ ବୋଲି ଗତକାଲି ଶଙ୍କରାଚାର୍ଯ୍ୟ କହିଥିଲେ । ଏହାସହିତ ତାଙ୍କୁ ହତ୍ୟା କରାଯାଇପାରେ ବୋଲି ଆଶଙ୍କାବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମର୍ଥନରେ ଉତ୍ତର ପ୍ରଦେଶର ଜଣେ ବରିଷ୍ଠ ଟିକସ ଅଧିକାରୀ ଇସ୍ତଫା ଦେଇଛନ୍ତି । ଅଯୋଧ୍ୟା ଜିଏସ୍ଟି ଡେପୁଟି କମିସନର ପ୍ରଶାନ୍ତ ସିଂହ ତାଙ୍କ ଇସ୍ତଫା ପତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଇବା ସହିତ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀ, ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ର ଗୃହମନ୍ତ୍ରୀଙ୍କ ବିରୋଧରେ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ମନ୍ତବ୍ୟ ତାଙ୍କୁ ଗଭୀର ଭାବେ ଆଘାତ ଦେଇଛି । ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ସେ କାନ୍ଦି କାନ୍ଦି ତାଙ୍କ ଇସ୍ତଫା ସମ୍ପର୍କରେ କହୁଥିବା ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ସୋମବାର ବରେଲି ସିଟି ମାଜିଷ୍ଟ୍ରେଟ ଅଳଙ୍କାର ଅଗ୍ନିହୋତ୍ରି ୟୁଜିସିର ନୂଆ ନିୟମକୁ ବିରୋଧ କରିବା ସହିତ ପ୍ରୟାଗରାଜଠାରେ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ହୋଇଥିବା ଅସମ୍ମାନ ବିରୋଧରେ ଚାକିରିରୁ ଇସ୍ତଫା ଦେଇଥିଲେ ।

# ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିନଥିଲେ ଟ୍ରମ୍ପ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ପ୍ରଭାବଶାଳୀ ଆମେରିକୀୟ ସେନେଟର ଓ ସେନେଟ ଇଣ୍ଟେଲିଜେନ୍ସ କମିଟିର ଅଧ୍ୟକ୍ଷ ମାର୍କ ୱାର୍ଣ୍ଣର, ୨୦୨୫ ମେ' ମାସରେ ଅପରେସନ ସିନ୍ଦୂର ସମୟରେ ଭାରତ ଓ ପାକିସ୍ତାନ ସଂଘର୍ଷକୁ ରୋକିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିର ପର୍ଦ୍ଦାଫାସ କରିଛନ୍ତି । ୱାର୍ଣ୍ଣର କହିଛନ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିବାରେ ଆମେରିକାର ଭୂମିକା ଅତିରଞ୍ଜିତ ହୋଇଥିଲା । ସତ କଥା ହେଉଛି ଦୁଇ ଦେଶ ନିଜ ନିଜ ସମସ୍ୟାର ସମାଧାନ କରିଥିଲେ । ମାର୍କ ୱାର୍ଣ୍ଣର ଚେତାବନୀ ଦେଇଛନ୍ତି, ଏହି ସମ୍ବେଦନଶୀଳ ସମୟରେ ଏପରି ମନ୍ତବ୍ୟ କୂଟନୈତିକ ବାତାବରଣକୁ ବିପର୍ଯ୍ୟସ୍ତ କରିବା ସହିତ ଆଞ୍ଚଳିକ ଉତ୍ତେଜନାକୁ ଆହୁରି ବଢ଼ାଇବାର ଯଥେଷ୍ଟ ଆଶଙ୍କା ଥିଲା ଟ୍ରମ୍ପ ଦୁଇଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାର ସମାଧାନ କରିନଥିଲେ । ଭାରତ ସରକାର, ଗୁପ୍ତଚର ତଥ୍ୟ ତଥା ଆମେରିକୀୟ ଗୁପ୍ତଚର କମିଟିର ସଦସ୍ୟମାନଙ୍କଠାରୁ ମୁଁ ଯାହା ଶୁଣିଛି ଓ ପଢ଼ିଛି, ତାହା ସ୍ପଷ୍ଟ ଯେ, ଏହି ସମସ୍ୟା ଭାରତ ଓ ପାକିସ୍ତାନ ମଧ୍ୟରେ ସମାଧାନ ହୋଇଥିଲା । ମାର୍କ ୱାର୍ଣ୍ଣର ସ୍ୱୀକାର କରିଛନ୍ତି, ଆମେରିକା ହୁଏତ ଏକ ସହାୟକ ଭୂମିକା ଗ୍ରହଣ କରିବାକୁ ଚେଷ୍ଟା କରିଥାଇପାରେ, କିନ୍ତୁ ଟ୍ରମ୍ପଙ୍କ ସିଧାସଳଖ ହସ୍ତକ୍ଷେପ ଦାବିକୁ ସେ ଖଣ୍ଡନ କରିଛନ୍ତି । ଏହି ସଂଘର୍ଷ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶକୁ ଏକ ବଡ଼ ବିପର୍ଯ୍ୟୟର ନିକଟତର କରିଛି କି ବୋଲି ପଚରାଯିବାରୁ, ୱାର୍ଣ୍ଣର କହିଛନ୍ତି ଯେ, ପରିସ୍ଥିତି ଗମ୍ଭୀର କିନ୍ତୁ ନୂଆ ନୁହେଁ । ଭାରତ ଓ ପାକିସ୍ତାନ ମଧ୍ୟରେ ପୂର୍ବରୁ ଏପରି ଅନେକ ଉତ୍ତେଜନା



ଦେଖାଦେଇଛି । ମାର୍କ ୱାର୍ଣ୍ଣର କହିଛନ୍ତି, ଏହି ଘଟଣା ଏକ ପରିଚିତ ଢାଞ୍ଚାକୁ ପ୍ରତିଫଳିତ କରୁଛି । ଏହାକୁ ପୁଣି ଥରେ ଏକ ଆତଙ୍କବାଦୀ ଘଟଣା ସହିତ ଯୋଡା ଯାଇଛି ଓ ସୀମାପାର ଆତଙ୍କବାଦକୁ ଏକ ଦୀର୍ଘକାଳୀନ ଚିନ୍ତା ଭାବେ ଉଲ୍ଲେଖ କରାଯାଇଛି । ଏପରି ପରିସ୍ଥିତି ପାଇଁ ନୂଆଦିଲ୍ଲୀ ଓ ଇସଲାମାବାଦ ମଧ୍ୟରେ ଯୋଗାଯୋଗର ବାଟ ମଧ୍ୟ ରହିଛି । ପାକିସ୍ତାନ ପ୍ରାୟତଃ ଭାରତ ଉପରେ ଅତ୍ୟଧିକ ନଜର ରଖିଥାଏ । ନିଜର ଆର୍ଥିକ ସ୍ଥିତି ପାଇଁ ଭାରତକୁ ଦାୟୀ କରିଥାଏ । ବିପରୀତରେ, ଭାରତ ବର୍ତ୍ତମାନ ସେଭଳି ସ୍ଥିତିରୁ ପ୍ରତିଯୋଗିତାରୁ ଆଗକୁ ବଢ଼ିଛି । ଭାରତର ଯୁବ ପିଢ଼ି ଆମେରିକା ସହିତ ଏକ ଦୃଢ଼ ସମ୍ପର୍କକୁ ପସନ୍ଦ କରିଥାନ୍ତି । ଇରାନ ଉପରେ ଆମେରିକାର ଆକ୍ରମଣ ସମ୍ପର୍କରେ ସେ କହିଛନ୍ତି, ଆମେରିକାର ସାମରିକ ଲଢୁଆ ବିମାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି । ମାତ୍ର ଇରାନର ପରମାଣୁ କ୍ଷମତାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିନାହାନ୍ତି । ତେହେରାନ କିଛି ମାସ ମଧ୍ୟରେ ଏହାକୁ ପୁନଃନିର୍ମାଣ କରିପାରିବେ । ୱାର୍ନର ଚିନ୍ତା ପ୍ରକାଶ କରିଛନ୍ତି ଯେ, ଆମେରିକାର ଭୂମିକାକୁ ଅତିରଞ୍ଜିତ କରିବା ସହଯୋଗୀଙ୍କ ସହିତ ବିଶ୍ୱାସକୁ ଦୁର୍ବଳ କରିପାରେ । ଭାରତ ସହିତ ବର୍ତ୍ତମାନର ଶୁଳ୍କ ବିବାଦ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅସ୍ତ୍ରବିରତି ପାଇଁ ଟ୍ରମ୍ପଙ୍କୁ ପର୍ଯ୍ୟାପ୍ତ ଭାବରେ ଶ୍ରେୟ ଦେଇ ନଥିବା ଅସନ୍ତୋଷ ସହିତ ଜଡିତ ଥିବାପରି ମନେହୁଏ । ବୈଦେଶିକ ବ୍ୟାପାରରେ ଅନ୍ୟାନ୍ୟ ଉଦାହରଣ ଦେଇ ସେ କହିଛନ୍ତି, ଟ୍ରମ୍ପ ପ୍ରାୟତଃ ଫଳାଫଳକୁ ଅତିରଞ୍ଜିତ କରିଥାନ୍ତିୟ ଏପରି ଭାଷାରେ କିଛି କହିବାର କୂଟନୈତିକ ପରିଣାମ ମଧ୍ୟ ଅଛି । ଏହା ଦ୍ୱାରା ୱାଶିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ସମ୍ପର୍କରେ ବାଧା ସୃଷ୍ଟି ହେଉଛି । ୱାର୍ନର ଚେତାବନୀ ଦେଇଛନ୍ତି, ଆମେରିକାର ଭୂମିକାକୁ ଅତିରଞ୍ଜିତ କରିବା ଦ୍ୱାରା ଆଞ୍ଚଳିକ ସନ୍ତୁଳନ ଅଧିକ ଜଟିଳ ହୋଇପାରେ । ଏହା ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିବାର ଆଶଙ୍କା ମଧ୍ୟ ରହିଛି ।

# ଦକ୍ଷିଣ କୋରିଆର ଦୁଇ ବଡ଼ ଅଧିକାରୀଙ୍କୁ ଜେଲଦଣ୍ଡ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ଜେଲ ଯିବେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ପତ୍ନୀ । ଦକ୍ଷିଣ କୋରିଆର ପୂର୍ବତନ ପ୍ରଥମ ମହିଳା କିମ୍ କିଓନ୍‌ଙ୍କୁ ଏକ ମାମଲାରେ ୨୦ ମାସ ଜେଲଦଣ୍ଡ ଦିଆଯାଇଛି । ତାଙ୍କ ସ୍ୱାମୀ ଏବଂ ପୂର୍ବତନ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟଲ୍ ପୂର୍ବରୁ ଜେଲରେ ଅଛନ୍ତି । ଦକ୍ଷିଣ କୋରିଆର ଏକ କୋର୍ଟ ପୂର୍ବତନ ପ୍ରଥମ ମହିଳା କିମ୍ କିଓନ୍‌ଙ୍କୁ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରି ୨୦ ମାସ ଜେଲଦଣ୍ଡ ଶୁଣାଇଛନ୍ତି । ୟଲଙ୍କ ପତ୍ନୀ କିମ୍ କିଓନଙ୍କ ଉପରେ ଏହି ନିଷ୍ପତ୍ତି ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟଲଙ୍କ ଦ୍ୱାରା ବର୍ଷକ ପୂର୍ବରୁ ଲାଗୁ ହୋଇଥିବା ସାମରିକ ଆଇନ (ସାମନ୍ତ୍ୟ ଶାସନ) ମାମଲାରେ ଆଦେଶ ଆସିବାର ମାତ୍ର ସପ୍ତାହ ପୂର୍ବରୁ ଆସିଛି । ସିଓଲ୍ କେନ୍ଦ୍ରୀୟ ଜିଲ୍ଲା କୋର୍ଟ ୟୁନିଫିକେସନ୍ ଚର୍ଚ୍ଚରୁ ଉପହାର ଗ୍ରହଣ କରିବା ବଦଳରେ ବ୍ୟବସାୟିକ ଅନୁଗ୍ରହ ପାଇଁ କିମ୍‌ଙ୍କୁ ଦଣ୍ଡିତ କରିଛନ୍ତି । ପ୍ରଥମେ ୟୁନ ଶୁକ ୟଲଙ୍କୁ ମଧ୍ୟ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏହି ରାୟ ଆଶ୍ଚର୍ଯ୍ୟଜନକ ଥିଲା, କାରଣ ସ୍ୱାଧୀନ ପବ୍ଲିକ ପ୍ରସିକ୍ୟୁଟର ଲାଞ୍ଚ, ଷ୍ଟକ୍ ମୂଲ୍ୟ ହେରଫେର ଏବଂ ରାଜନୈତିକ ପାଣ୍ଠି ଆଇନ ଉଲ୍ଲଂଘନ ଅଭିଯୋଗରେ କିମ୍ ପାଇଁ ୧୫ ବର୍ଷ ଜେଲ୍ ଦାବି କରିଥିଲେ । ପ୍ରମାଣର ଅଭାବ ଦର୍ଶାଇ କୋର୍ଟ କିମ୍‌ଙ୍କୁ ଷ୍ଟକ୍ ମୂଲ୍ୟ ହେରଫେର ଏବଂ ରାଜନୈତିକ ପାଣ୍ଠିଆଇନ ଉଲ୍ଲଂଘନରୁ ମୁକ୍ତ କରିଥିଲେ ।

# ଇରାନକୁ ଟ୍ରମ୍ପଙ୍କ ପୁଣି ନାଲି ଆଖି

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଗତ ଏକ ବର୍ଷରେ ସାରା ଦୁନିଆରେ ଅସ୍ଥିରତା ସୃଷ୍ଟି କରିଛନ୍ତି । ଟାରିଫଠାରୁ ନେଇ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ୍ ମାଦୁରୋଙ୍କୁ ରାତି ଅଧିକ ଉଡାଇ ନେବାକୁ ନେଇ ସାରା ଦୁନିଆର ଚକିତ ହୋଇଥିଲା । ଏବେ ଟ୍ରମ୍ପ ପୁଣିଥରେ ବଡ଼ ଆକ୍ରମଣର ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଇରାନ ଆଡକୁ ଆମେରିକାର ଏକ ବିଶାଳ ନୌସେନା ବାହିନୀଙ୍କ ଦଳ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଏହି ନୌବାହିନୀ ଶକ୍ତି, ଉତ୍ସାହ ଏବଂ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ଆଗକୁ ବଢ଼ୁଛି । ବିଶାଳକାୟ ଜାହାଜ ଆବ୍ରାହମ ଲିଙ୍କନଙ୍କ ନେତୃତ୍ୱରେ, ଏହି ନୌବାହିନୀ ଭେନେଜୁଏଲାକୁ ପଠାଯାଇଥିବା ନୌବାହିନୀଠାରୁ ମଧ୍ୟ ବଡ଼ । ଟ୍ରମ୍ପ କହିଛନ୍ତି, ଭେନେଜୁଏଲା ପରି, ଏହି ନୌବାହିନୀ ସମ୍ପୂର୍ଣ୍ଣ ସକ୍ଷମ ଏବଂ ଆବଶ୍ୟକ ହେଲେ ଅତ୍ୟନ୍ତ ଦ୍ରୁତ ଗତି ଏବଂ ବଳ ସହିତ ନିଜର ମିଶନକୁ କାର୍ଯ୍ୟକାରୀ କରିବାକୁ ସଂକୋଚ କରିବ ନାହିଁ । ସେ ଆଶା କରିଛନ୍ତି ଯେ ଇରାନ ଖୁବ୍ ଶୀଘ୍ର ଆଲୋଚନା କରିବ । ଏକ ନିରପେକ୍ଷ ଏବଂ ସନ୍ତୁଳିତ ଚୁକ୍ତି ପାଇଁ ଆଲୋଚନା କରିବ, ଯାହା ପରମାଣୁ ଅସ୍ତ୍ର ବିନା ସମସ୍ତ ପକ୍ଷଙ୍କ ପାଇଁ ଲାଭଦାୟକ ହେବ । ସମୟ ସରି ଆସୁଛି, ଏବଂ ପରିସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି । ମୁଁ ପୂର୍ବରୁ ବି ଇରାନକୁ କହିଥିଲି ଡିଲ୍ କରିନିଅ, କିନ୍ତୁ ସେମାନେ ଏଭଳି କଲେ ନାହିଁ । ଫଳାଫଳ ଥିଲା ଅପରେସନ୍ ମିଡନାଇଟ୍ ହ୍ୟାମର, ଯାହାଫଳରେ ଇରାନକୁ ଭାରି ପରିମାଣରେ କ୍ଷତି ସହିବାକୁ ପଡିଥିଲା । ଆଗାମୀ ଆକ୍ରମଣ ଏହାଠାରୁ ଅଧିକ ବିନାଶକାରୀ ହେବ । ଏଭଳି ଦ୍ୱିତୀୟ ଥର ହେବାକୁ ଦିଅନି । ଏଭଳି ଗମ୍ଭୀର ବିଷୟ ଉପରେ ଆପଣଙ୍କୁ ଧ୍ୟାନ ଦେବା ପାଇଁ ଧନ୍ୟବାଦ ।

# ପୁଣି ମିସାଇଲ୍ ପରୀକ୍ଷଣ କଲା ଉତ୍ତର କୋରିଆ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ପୁଣି ଚିନ୍ତା ବଢ଼ାଇଲା ଉତ୍ତର କୋରିଆ । ସମୁଦ୍ରରେ ମିସାଇଲ୍ ପରୀକ୍ଷଣ କରି ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି । ଗତ ମଙ୍ଗଳବାର ଦିନ ଉତ୍ତର କୋରିଆ ସମୁଦ୍ର ଆଡ଼କୁ ଏକ ସନ୍ଦିଗ୍ଧ ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପ କରିଛି । ଯାହାକୁ ନେଇ ପଡ଼ୋଶୀ ଦେଶ ଜାପାନ ଏବଂ ଦକ୍ଷିଣ କୋରିଆ ଚିନ୍ତା ପ୍ରକାଶ କରିଛନ୍ତି । ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଉତ୍ତର କୋରିଆରୁ ସମ୍ଭାବ୍ୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି । ସେପଟେ ଦକ୍ଷିଣ କୋରିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ବି ସମାନ କଥା କହିଛି । ଏହା ଏପରି ସମୟରେ ଆସିଛି ଯେତେବେଳେ ଉତ୍ତର ଏବଂ ଦକ୍ଷିଣ କୋରିଆ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି । ଉତ୍ତର କୋରିଆ ଦକ୍ଷିଣ କୋରିଆକୁ ତାଙ୍କ ଅଞ୍ଚଳ ଭିତରେ ନିରୀକ୍ଷଣ ଡ୍ରୋନ୍ ଉଡ଼ାଇବାର ଅଭିଯୋଗ କରିଛି । ଉତ୍ତର କୋରିଆ ଅନୁଯାୟୀ, ଗୋଟିଏ ଡ୍ରୋନ୍ ଜାନୁଆରୀରେ ଏବଂ ଅନ୍ୟଟି ସେପ୍ଟେମ୍ବରରେ ତାଙ୍କ ଅଞ୍ଚଳରେ ପ୍ରବେଶ କରିଥିଲା । ଏହାର ଜବାବରେ, ଉତ୍ତର କୋରିଆ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲା । ଅନ୍ୟପଟେ, ଦକ୍ଷିଣ କୋରିଆ ସରକାର ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖାନ କରିଛନ୍ତି । ଏବଂ କହିଛନ୍ତି, ସେହି ତାରିଖରେ କୌଣସି ସରକାରୀ ଡ୍ରୋନ୍ ଉଡ଼ାଯାଇ ନଥିଲା । ଏହା ମଧ୍ୟ ତଦନ୍ତ କରାଯାଉଛି ଯେ ଏହି ଡ୍ରୋନ୍ କୌଣସି ସାଧାରଣ ନାଗରିକ ପଠାଇଥିଲେ କି ନାହିଁ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଡ୍ରୋନ୍ ଅଭିଯୋଗ ଦକ୍ଷିଣ କୋରିଆ ବିରୁଦ୍ଧରେ ପ୍ରତିକ୍ରିୟା ସୃଷ୍ଟି କରିବାର ଏକ ରଣନୀତି ହୋଇପାରେ । ଉତ୍ତର କୋରିଆ ଖୁବଶୀଘ୍ର ଏହାର ଶାସକ ୱାର୍କର୍ସ ପାର୍ଟିରେ ଏକ ପ୍ରମୁଖ ବୈଠକ କରିବାକୁ ଯାଉଛି । ପାଞ୍ଚ ବର୍ଷ ମଧ୍ୟରେ ଏହି ବୈଠକ ପ୍ରଥମ । କୁହାଯାଉଛି କି, ଏହି ବୈଠକ ଦେଶ ଭିତରେ ଏବଂ ବାହାରେ ଏକ ଦୃଢ଼ ବାର୍ତ୍ତା ଦେବା ପାଇଁ ଏପରି ସାମରିକ କାର୍ଯ୍ୟକଳାପ କରାଯାଉଛି । ବିଶେଷଜ୍ଞଙ୍କ ମତରେ, ଏହି ବୈଠକରେ ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍ କୋରିଆନ୍ ଉପଦ୍ୱୀପ ସମ୍ପର୍କରେ ଦୁଇ-ରାଷ୍ଟ୍ର ନୀତିକୁ ଦଳର ସମ୍ବିଧାନରେ ସାମିଲ କରିପାରନ୍ତି । ଯଦି ଏହା ହୁଏ, ତେବେ ଏହାକୁ ଏକ ବଡ଼ ରାଜନୈତିକ ପରିବର୍ତ୍ତନ ବୋଲି କୁହାଯାଇପାରିବ ।

# ଗାଡ଼ି ଉପରେ ୫୦% ଶୁଳ୍କ କଷିବ ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ଭାରତ ଓ ଚୀନର ଗାଡ଼ି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ଉପରେ ଦକ୍ଷିଣ ଆଫ୍ରିକା ବିଚାର କରୁଛି । ସ୍ୱଦେଶୀ କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବା ଲାଗି ଦକ୍ଷିଣ ଆଫ୍ରିକା ସରକାର ଆମଦାନୀ ଉପରେ ଚଢ଼ା ଶୁଳ୍କ ଲଗାଇବାକୁ ଚାହୁଁଛନ୍ତି ।ଏ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଉପରେ ବାଣିଜ୍ୟ, ଶିଳ୍ପ ଓ ପ୍ରତିଯୋଗିତା ବିଭାଗ ବିଚାର କରୁଛି । ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ରପ୍ତାନି ପ୍ରଭାବିତ ହୋଇଛି । ତା' ସହିତ ଦକ୍ଷିଣ ଆଫ୍ରିକା ଶୁଳ୍କ ମିଶିଗଲେ ଭାରତରେ ଗାଡ଼ି ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକର ରପ୍ତାନୀ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି । ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଶାସନ କମିସନର କମିସନର ଆୟାବୋଙ୍ଗା କାଓ୍ୱେ କହିଛନ୍ତି ଯେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଥିବା ଗାଡ଼ି ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗିବ । କିନ୍ତୁ ଉପକରଣ ଓ ଯନ୍ତ୍ରାଂଶ ଉପରେ ଶୁଳ୍କ ୧୦-୧୨ ପ୍ରତିଶତ ଭଳି କମ୍ ରହିଛି । ବିଭିନ୍ନ ଦେଶରୁ ଆସୁଥିବା ପାର୍ଟସ୍ ଓ ଯନ୍ତ୍ରାଂଶ ଉପରେ ଦକ୍ଷିଣ ଆଫ୍ରିକା ଭିନ୍ନ ଭିନ୍ନ ଶୁଳ୍କ ଲଗାଇବ । ଦକ୍ଷିଣ ଆଫ୍ରିକାର ଗାଡ଼ି ଆମଦାନିରେ ଭାରତ ଓ ଚୀନର ଭାଗ ଯଥାକ୍ରମେ ୫୩ ପ୍ରତିଶତ ଓ ୨୨ ପ୍ରତିଶତ ରହିଛି । ଗତ ଚାରି ବର୍ଷ ମଧ୍ୟରେ ଚୀନରୁ ଗାଡ଼ି ଆମଦାନି ୩୬୮ ପ୍ରତିଶତ ଓ ଭାରତରୁ ୧୩୫ ପ୍ରତିଶତ ବୃଦ୍ଧି ପାଇଛି । ସୁଲଭ ମୂଲ୍ୟର ଗାଡ଼ି କ୍ଷେତ୍ରରେ ପ୍ରତିଯୋଗିତା ତୀବ୍ର ରହିଛି । ସେହି ବର୍ଗରେ ଆମଦାନି ଗାଡ଼ି ସହ ସ୍ଥାନୀୟ କମ୍ପାନୀଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିପାରୁନଥିବାରୁ ଦକ୍ଷିଣ ଆଫ୍ରିକା ଚିନ୍ତିତ ହୋଇପଡ଼ିଛି । ଦକ୍ଷିଣ ଆଫ୍ରିକାର ବାଣିଜ୍ୟ ବିଭାଗ ଟିକସ ସଂକ୍ରାନ୍ତରେ ଜାତୀୟ ଟ୍ରେଜେରି ସହ ଆଲୋଚନା କରୁଛି । ନୂଆ ବିଳାସପୂର୍ଣ୍ଣ କାର୍ ଉପରେ ଟିକସ ବାଢ଼ିବା ଏବଂ ବର୍ତ୍ତମାନର ରିହାତି କ୍ରେଡିଟ୍ ସାର୍ଟିଫିକେଟ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଉପରେ ଦକ୍ଷିଣ ଆଫ୍ରିକା ବିଚାର କରୁଛି ।

# ସାଙ୍ଘାତିକ ହେଲାଣି ରୁଷିଆ-ୟୁକ୍ରେନ ଯୁଦ୍ଧ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ରୁଷିଆ-ୟୁକ୍ରେନ ଭିତରେ ଯୁଦ୍ଧ ପରିସ୍ଥିତି ଆହୁରୀ ଭୟଙ୍କର ହେବାକୁ ଲାଗିଛି । ଲଗାତାର ରୁଷିଆ ଆକ୍ରମଣ ଜାରି ରଖିଛି । ଏପରିକି ରୁଷିଆ ଡ୍ରୋନ ଯୋଗେ ୟୁକ୍ରେନ ଦେଶ ଏକ ପାସେଞ୍ଜର ଟ୍ରେନକୁ ଆଟାକ କରିଛି । ଯାହାକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ସାଙ୍ଘାତିକ ବୟାନ ଦେଇଛନ୍ତି । ୟୁକ୍ରେନ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ରୁଷିଆ ଲଗାତାର ୟୁକ୍ରେନ ଉପରେ ଭୟାନକ ଆକ୍ରମଣ କରୁଛି । ଏପରିକି ଏହି ଦେଶ ୟୁକ୍ରେନରେ ଚାଲୁଥିବା ଏକ ପାସେଞ୍ଜର ଟ୍ରେନରେ ଡ୍ରୋନ ଆକ୍ରମଣ କରି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି । ଜେଲେନସ୍କି ରାଗରେ ଏହାକୁ ଆତଙ୍କବାଦ କାର୍ଯ୍ୟକଳାପ କହି ତିରସ୍କାର କରିଛନ୍ତି । କୁହାଯାଉଛି କି ଯୁଦ୍ଧ ଭିତରେ ଦୁଇ ଦେଶ ଭିତରେ ପରିସ୍ଥିତି ସୁଧୁରିବା ବଦଳରେ ବିଗିଡିବାକୁ ଲାଗିଛି । ଏହି ଆକ୍ରମଣକେ ୧୨ ଜଣ ଲୋକଙ୍କ ଜୀବନ ଯାଇଛି । ରୁଷର ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି ଯେତେବେଳେ ଆମେରିକାର ମଧ୍ୟସ୍ଥତାରେ ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ଆଲୋଚନା ଚାଲିଛି । ଏହା ବ୍ୟତୀତ, ରୁଷ ଦକ୍ଷିଣ ଓଡେସା ସହରରେ ୫୦ ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଛି, ଯେଉଁଥିରେ ତିନି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ରୁ ଅଧିକ ଆହତ ହୋଇଛନ୍ତି । ଆଞ୍ଚଳିକ ରାଜ୍ୟପାଳ ଓଲେଗ କିପର କହିଛନ୍ତି ଯେ ଆହତମାନଙ୍କ ମଧ୍ୟରେ ଜଣେ ୩୯ ସପ୍ତାହର ଗର୍ଭବତୀ ମହିଳା ଏବଂ ଦୁଇ ଝିଅ ରହିଥିଲେ । ଆକ୍ରମଣରେ ଡଜନ ଡଜନ ଆବାସିକ କୋଠା, ଏକ ଚର୍ଚ୍ଚ ଏବଂ ଏକ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି । ସହରର ଶକ୍ତି ଭିତ୍ତିଭୂମି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି, ଯାହା ଫଳରେ ବହୁ ସଂଖ୍ୟକ ଲୋକ ବିଦ୍ୟୁତ ଆଲୋକ ବିନା ହଇରାଣ ହେଉଛନ୍ତି । ଏହି ସମୟରେ, ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଜାପୋରିଝିଆ ଏବଂ ଖାରକିଭ ଅଞ୍ଚଳର ଆଉ ଦୁଇଟି ଗ୍ରାମ ଦଖଲ କରିଥିବା ଦାବି କରିଛି, ଯେତେବେଳେ ରୁଷ ସୈନ୍ୟମାନେ ଧୀରେ ଧୀରେ ଆଗୁଆ ଆଗକୁ ବଢୁଛନ୍ତି । ରାଷ୍ଟ୍ରପତି ଜେଲେନ୍ସକି ଏହି ଆକ୍ରମଣଗୁଡ଼ିକୁ ଶାନ୍ତି ପ୍ରୟାସ ପାଇଁ କ୍ଷତିକାରକ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ମିତ୍ର ରାଷ୍ଟ୍ରଗୁଡ଼ିକୁ ମସ୍କୋ ଉପରେ ଚାପ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି । ଯାହାଦ୍ୱାରା ରୁଷିଆ ଯୁଦ୍ଧ ବନ୍ଦ କରିବା ପାଇଁ ବାଧ୍ୟ ହେବ ।

## ମୁଁ ପଛକୁ ହଟିବି ନାହିଁ

# ଉତ୍ତେଜନା ମଧ୍ୟରେ ଟ୍ରମ୍ପଙ୍କୁ ଫୋନ୍ କଲେ କାନାଡା ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ଆମେରିକା ଓ କାନାଡା ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଏହା ସ୍ୱିଜରଲାଣ୍ଡର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ସାମ୍ନାକୁ ଆସିଥିଲା । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ଏକ ମନ୍ତବ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ରୋଧିତ ହୋଇ ମଞ୍ଚ ଉପରୁ ତାଙ୍କୁ ଧମକ ଦେଇଥିଲେ । ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ ମଙ୍ଗଳବାର ଦୁଇ ନେତା ଫୋନ୍ ଯୋଗେ କଥା ହୋଇଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, କଥାବାର୍ତ୍ତା ସମୟରେ କାର୍ନି ସ୍ପଷ୍ଟ କରିଥିଲେ ଯେ, ସେ ଡାଭୋସରେ ଦେଇଥିବା ତାଙ୍କ ବିବୃତ୍ତିରୁ ପଛକୁ ହଟି ନାହାନ୍ତି । ଫୋନ୍ କଲ୍ ପରେ ମାର୍କ କାର୍ନି କହିଥିଲେ, ମୁଁ ଡାଭୋସରେ ଯାହା କହିଥିଲି ତାହା କହିବାକୁ ଚାହୁଁଥିଲି । ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏହି ବାର୍ତ୍ତା ଦେଇଛି । ଆମେରିକାର ପରିବର୍ତ୍ତିତ ବାଣିଜ୍ୟ ନୀତିର ପ୍ରତିକ୍ରିୟାରେ କାନାଡା ନିଜର ନୂଆ ରଣନୀତି ପ୍ରସ୍ତୁତ କରୁଛି । ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଏକ ଗଣମାଧ୍ୟମ ସାକ୍ଷାତକାରରେ ଦାବି କରିବା ପରେ କାର୍ନିଙ୍କ ଏହି ମନ୍ତବ୍ୟ । ଅର୍ଥ ସଚିବ କହିଥିଲେ, ଫୋନ୍ କଲ୍ ସମୟରେ କାର୍ନି ତାଙ୍କର ଡାଭୋସ୍ ବକ୍ତବ୍ୟରୁ ଓହରି ଯିବାକୁ ଚେଷ୍ଟା କରୁଥିଲେ । ବେସାଣ୍ଟଙ୍କ ଅନୁଯାୟୀ, କାର୍ନି ତାଙ୍କ କଥାରୁ ଓହରି ଯିବାକୁ ଚାହୁଁଥିଲେ । ତେବେ କାର୍ନି ଏହାକୁ ଖଣ୍ଡନ କରିଛନ୍ତି । କାନାଡା ପ୍ରଧାନମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ତାଙ୍କୁ ଫୋନ୍ କରିଥିଲେ । ସେମାନଙ୍କ ଆଲୋଚନା ସମୟରେ ୟୁକ୍ରେନ, ଭେନେଜୁଏଲା, ଆର୍କଟିକ ସୁରକ୍ଷା, କାନାଡା-ଚୀନ୍ ବାଣିଜ୍ୟ ଚୁକ୍ତିନାମା ଓ କାନାଡା-ଯୁକ୍ତରାଷ୍ଟ୍ର-ମେକ୍ସିକୋ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ସେ କହିଛନ୍ତି ଚୀନ୍ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ କାନାଡାର ରଣନୀତି ଓ ସ୍ଥିତି ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ । ଏହା ଉଲ୍ଲେଖନୀୟ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ତାଙ୍କ ପିସ୍ ବୋର୍ଡରେ ଯୋଗଦେବା ପାଇଁ କାନାଡାର ନିମନ୍ତ୍ରଣ ପ୍ରତ୍ୟାହାର କରିନେଇ କାନାଡାକୁ ଶାନ୍ତି ବାହିନୀରୁ ବାହାର କରି ଦେଇଥିଲେ । ଏହି ନିଷ୍ପତ୍ତି ଡାଭୋସରେ ମାର୍କ କାର୍ନିଙ୍କ ଭାଷଣର କିଛି ଦିନ ପରେ ଆସିଥିଲା, ଯେଉଁଥିରେ ସେ ଟ୍ରମ୍ପଙ୍କ ନାମ ନ ନେଇ ଆମେରିକାର ଟାରିଫ୍ ନୀତିକୁ କଡ଼ା ସମାଲୋଚନା କରିଥିଲେ ।

# ଅଜିତ ପାୱାରଙ୍କ ମୃତ୍ୟୁର ତଦନ୍ତ ସୁପ୍ରିମକୋର୍ଟଙ୍କ ତଦାରଖରେ ହେଉ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଓ ଏନ୍‌ସିପିର ବରିଷ୍ଠ ନେତା ଅଜିତ ପାୱାରଙ୍କ ବୁଧବାର ସକାଳେ ଏକ ଦୁଃଖଦ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣା ପୁନେ ଜିଲ୍ଲା ବାରାମତୀରେ ଘଟିଛି, ଯେତେବେଳେ ତାଙ୍କର ବିମାନ ଲ୍ୟାଣ୍ଡିଂ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା । ଅଜିତଙ୍କ ମୃତ୍ୟୁ ଖବର ପୁରାଦେଶର ରାଜନୀତିକୁ ଶୋକରେ ବୁଡାଇ ଦେଇଛି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିମାନ ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟଙ୍କ ତଦାରଖରେ ଯାଞ୍ଚ ଦାବି କରିଛନ୍ତି । ସେ ଘଟଣା ଉପରେ ଶୋକ ବ୍ୟକ୍ତ କରି ସମ୍ଭାବିତ ଷଡଯନ୍ତ୍ର ଆଶଙ୍କା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଦେଶରେ ରାଜନେତିକ ନେତାଙ୍କ ସୁରକ୍ଷା ଉପରେ ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି



କରିଛି । ଗଣମାଧ୍ୟମ ସହ କଥା ହୋଇ ମମତା କହିଛନ୍ତି, ଏହି ଖବର ଶୁଣି ମୁଁ ସ୍ତବ୍ଧ । ଏହା ଦେଶ ପାଇଁ ବଡ଼ କ୍ଷତି । ସେ ଦାବୀ କରିଛନ୍ତି ରାଜନେତିକ ନେତୃତ୍ୱଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ପ୍ରସାରିତ ସେହି ବୟାନକୁ ମଧ୍ୟ ଆଲୋଚନା କରିଛନ୍ତି, ଯେଉଁଥିରେ କୁହାଯାଇଥିଲା ଅଜିତ ପାୱାର ବିଜେପି ଛାଡିବା ଉପରେ ବିଚାର କରୁଥିଲେ । ତେଣୁ କାହା ଉପରେ ବିଶ୍ୱାସ କରିହେବନି । ତାଙ୍କ ମୃତ୍ୟୁର ତଦନ୍ତ ସୁପ୍ରିମକୋର୍ଟଙ୍କ ତଦାରଖରେ କରାଯାଉ ମମତା ସଙ୍କେତ ଦେଇଛନ୍ତି, ଅଜିତ ପାୱାର ମହାଯୁତି ମେଣ୍ଟଠାରୁ ଦୂରତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଥିଲେ । ଏଥିପାଇଁ ଏହି ଦୁର୍ଘଟଣା ପଛରେ କେଉଁସି ଷଡଯନ୍ତ୍ର ରହିପାରେ । ଆଜି ଯାହା ହୋଇଛି, ତାହା ଗମ୍ଭୀର ପ୍ରଶ୍ନ ସୃଷ୍ଟି କରୁଛି । ସୁପ୍ରିମକୋର୍ଟଙ୍କ ଦେଖାଶୁଣାରେ ବିଶ୍ୱାସନୀୟ ଢଙ୍ଗରେ ଏହାର ତଦନ୍ତ ହେଉ । ଆମେ କେବଳ ସୁପ୍ରିମକୋର୍ଟ ଉପରେ ଭରସା ରଖିପାରିବୁ, ଅନ୍ୟ କୌଣସି ତଦନ୍ତକାରୀ ଏଜେନ୍ସି ଉପରେ ନୁହେଁ । ସେ ଅଭିଯୋଗ କରିଛନ୍ତି, ତଦନ୍ତକାରୀ ଏଜେନ୍ସିର ସ୍ୱାଧୀନତା ପ୍ରଭାବିତ ହୋଇଛି । ଏହା ପୂର୍ବରୁ ମମତା 'ଏକ୍ସ'ରେ ଅଜିତ ପାୱାରଙ୍କ ମୃତ୍ୟୁ ନେଇ ସମବେଦନା ବ୍ୟକ୍ତ କରିଥିଲେ । ସେ କହିଥିଲେ ଦୁର୍ଘଟଣାର ଉଚିତ ଯାଞ୍ଚ କରାଯାଉ । ଅଜିତଙ୍କ ପରିବାର, ତାଙ୍କର ଦାଦା ଶରଦ ପାୱାର ତଥା ତାଙ୍କ ସବୁ ମିତ୍ର ଏବଂ ସମର୍ଥକଙ୍କ ପ୍ରତି ମୋର ସମବେଦନା ରହିଛି ।'



## କ୍ରମ୍ପଟନ ଭାରତ ବିଶ୍ୱର ୧ ନମ୍ବର ସିଲିଙ୍ଗ ଫ୍ୟାନ ବ୍ରାଣ୍ଡ ଭାବେ ମାନ୍ୟତା ହାସଲ

**ମୁମ୍ବାଇ, ୨୮।୧ (ନି.ପ୍ର) :** କ୍ରମ୍ପଟନ,ଭାରତର ଅନ୍ୟତମ ଆଇକନିକ୍ ପ୍ରତିଷ୍ଠିତ ଗ୍ରାହକ ବ୍ରାଣ୍ଡ ଭାବେ, ବିଶ୍ୱର ଅଗ୍ରଣୀ ସ୍ୱାଧୀନ ବଜାର ଗବେଷଣା ସଂସ୍ଥା ୟୁରୋମନିଟର ଇଣ୍ଟରନ୍ୟାସନାଲ ପକ୍ଷରୁ ବିଶ୍ୱର ନଂ.୧ ସିଲି ଫ୍ୟାନ ବ୍ରାଣ୍ଡ ଭାବେ ଏହାକୁ ମାନ୍ୟତା ପ୍ରଦାନ କରାଯାଇଛି। ୟୁରୋମନିଟରର ଏହି ସ୍ୱୀକୃତି କ୍ରମ୍ପଟନକୁ ସେହି ଅଳ୍ପ କେତେକ ଭାରତୀୟ ବ୍ରାଣ୍ଡ ତାଲିକାରେ ସାମିଲ କରିଛି, ଯେଉଁମାନେ କେବଳ ଦେଶରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛନ୍ତି।

୮୫ ବର୍ଷରୁ ଅଧିକ ଏକ ଗୌରବମୟ ଯାତ୍ରା ସମୟରେ, କ୍ରମ୍ପଟନ ଏକ ସମୃଦ୍ଧ ପରମ୍ପରା ସହିତ ଏହି ଯାତ୍ରାକୁ ଭାରତୀୟ ନବସୃଜନର ବିକାଶକୁ ପ୍ରଦର୍ଶିତ କରୁଛି। କୋଟି କୋଟି ପରିବାରର ବିଶ୍ୱାସ ଜିତିବାଠାରୁ ଆରମ୍ଭ କରି କାର୍ଯ୍ୟଦକ୍ଷତା, ସାମର୍ଥ୍ୟତା ଏବଂ କୌଶଳ କ୍ଷେତ୍ରରେ ଏହା ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିଛି। କମ୍ପାନୀର ଏହି ସଫଳତା ପଛରେ ଭାରତୀୟ ଯାନ୍ତ୍ରିକୀ କଳାର ଶ୍ରେଷ୍ଠତା, ଦୃଢ଼ ନିର୍ମାଣ କ୍ଷମତା ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବାର ଗଭୀର ଦକ୍ଷତା ରହିଛି। ଏହି ମାଇଲଖୁଣ୍ଟ ଏହାର ବିଭାଗର ନେତୃତ୍ୱକୁ ଆହୁରି ଆଗକୁ ଯାଇ ଭାରତର ବିଶ୍ୱ ମଞ୍ଚରେ ପ୍ରଭାବଶାଳୀର ବୃଦ୍ଧିକୁ ଏହି ବ୍ରାଣ୍ଡ ସହିତ ସାମିଲ କରି ମାପଦଣ୍ଡ, ପ୍ରଯୁକ୍ତି ଏବଂ ଗ୍ରାହକ ଚାହିଦାକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଛି। ଏହି ସଫଳତା ଉପରେ ମନ୍ତବ୍ୟ ପ୍ରଦାନ କରି ପ୍ରୋମିତ୍ ଘୋଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ,କ୍ରମ୍ପଟନ କହିଛନ୍ତି, 'ମୁଁ ଅତ୍ୟନ୍ତ ଗର୍ବିତ ଯେ ପିଢ଼ି ଧରି ଭାରତୀୟ ଗ୍ରାହକଙ୍କ ବିଶ୍ୱାସ ଜିତିଥିବା କ୍ରମ୍ପଟନ ଆଜି ବିଶ୍ୱର ନଂ.୧ ସିଲିଙ୍ଗ ଫ୍ୟାନ ବ୍ରାଣ୍ଡ ଭାବେ ପରିଚିତ ହେବାର ଗୌରବ ଅର୍ଜନ କରିଛି। ଏହି ମାଇଲଖୁଣ୍ଟ କେବଳ ଆମର ଅତୀତର ପ୍ରତିଫଳନ ନୁହେଁ, ବରଂ କ୍ରମ୍ପଟନ ୨.୦ ମାଧ୍ୟମରେ ଆମେ ଆଣୁଥିବା ପରିବର୍ତ୍ତନର ଏହା ପରିଚୟ। ଏଥିସହିତ ଏହି ଯାତ୍ରାରେ ରହିଥିବା ଗବେଷଣାବିକାଶର ଗଭୀରତମ ବିନିଯୋଗ, ଅତ୍ୟାଧୁନିକ ଉତ୍ପାଦନ ଏବଂ ପରବର୍ତ୍ତି ପିଢ଼ିର ନବୀନତମ ଜ୍ଞାନକୌଶଳକୁ ଏହା ଯଥାର୍ଥରେ ପ୍ରତିଫଳିତ କରିପାରିଛି। ଖୁବ୍ କମ୍ ଭାରତୀୟ ବ୍ରାଣ୍ଡ ଏଭଳି ବିଶ୍ୱସ୍ତରୀୟ ନେତୃତ୍ୱ ନେବାରେ ସଫଳ ହୋଇପାରିଛନ୍ତି ଏବଂ ଆମେ ଦୃଢ଼ ଭାବରେ ରହିଥିବା ଆମର 'ମେଡ୍ ଇନ ଇଣ୍ଡିଆ' ପ୍ରତିବଦ୍ଧତାର ଭିତିଭୂମିକୁ ମଜବୁତ କରି ଆମର ବିଶ୍ୱସ୍ତରୀୟ ପଦଧ୍ୱନିକୁ ଆହୁରି ବର୍ଦ୍ଧିତ କରିବାର ଚେଷ୍ଟା ଜାରି ରଖିଛୁ।

ସେ ଆହୁରି ମଧ୍ୟ କହିଛନ୍ତି, 'ଆମ କମ୍ପାନୀର ନବୀନତମ ମଞ୍ଚ ଏକ୍ସ-ଟେକ୍ ଏବଂ ନ୍ୟୁକ୍ଲିୟର୍ସ ଆମର ପରବର୍ତ୍ତି ଅଧ୍ୟାୟର ଯାତ୍ରାକୁ ପ୍ରତିନିଧିତ୍ୱ କରୁଥିବା ବେଳେ, ଯଥାର୍ଥରେ ଏହା ପରବର୍ତ୍ତି ପିଢ଼ିର ଆକର୍ଷଣୀୟ ଜ୍ଞାନକୌଶଳକୁ ସକ୍ଷମ କରିବା ସହିତ ରହିଥିବା ଆଶାକୁ ଆହୁରି ଆଗକୁ ଗତିଶୀଳ କରିବା ସହିତ ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ବାଟ କଢ଼ାଇ ପାରିବ। ଆମର ମୂଳଲକ୍ଷ୍ୟ ଏଭଳି ଏକ ମଞ୍ଚ ସୃଷ୍ଟି କରିବା ଯାହାକି ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରିବ, କୌଶଳ, ଗ୍ରହଣୀୟତା, ମାନଦଣ୍ଡ ତଥା ବିଶ୍ୱସ୍ତରର ପ୍ରତିଯୋଗୀତାକୁ ଦୃଷ୍ଟିରେ ରଖି। କ୍ରମ୍ପଟନରେ ଆମେ କେବଳ ପରିବର୍ତ୍ତନ ପାଇଁ ଦାୟିତ୍ୱ ଗ୍ରହଣ କରି ନଥାଉ ଆମେ ମଧ୍ୟ ଭବିଷ୍ୟତର ବିଭିନ୍ନ ବିଭାଗର ଯାନ୍ତ୍ରିକୀ ପାଇଁ ମଧ୍ୟ ପ୍ରଚେଷ୍ଟା ଜାରି ରଖିଥାଉ।

କ୍ରମ୍ପଟନର ସେହି ବିଶାଳ ନେତୃତ୍ୱ ଗଭୀରତମ ଗ୍ରାହକ ମାନସିକତାକୁ ବୁଝି ଏହାର ଅନ୍ତର୍ନିହିତ ମଧ୍ୟରେ ପ୍ରବେଶ କରି ଜ୍ଞାନକୌଶଳର ଦକ୍ଷତା ସହିତ ଏଥିରେ ପ୍ରିଲଗାଣକୁ ମଧ୍ୟ ଦୃଷ୍ଟି ଦେଇଥାଏ। କ୍ରମ୍ପଟନ ବାର୍ଷିକ ୨ କୋଟିରୁ ଅଧିକ ଫ୍ୟାନ ବିକ୍ରି କରୁଥିବା ବେଳେ, ପ୍ରତି ଦୁଇ ସେକେଣ୍ଡରେ ଗୋଟିଏ କ୍ରମ୍ପଟନ ଫ୍ୟାନ ବିକ୍ରି ହୋଇଥାଏ। ଏକ ଉତ୍ସର୍ଗୀକୃତ ଆରଏଣ୍ଡଡ଼ି ଇକୋ-ପ୍ରଣାଳୀ କ୍ଷମତା ସହିତ ୨୦୦ରୁ ଅଧିକ ବିଶେଷଜ୍ଞ ଏବଂ ବାର୍ଷିକ ୧୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ ସହିତ, କ୍ରମ୍ପଟନ ଯଥାର୍ଥରେ ଏକ ବିଭାଗୀୟ ସଂଜ୍ଞାକୃତ ନବୀନତାକୁ ଏହାର ଫ୍ୟାନ ସହିତ ପ୍ରଦାନ କରିଛି। ଏହାର ନୂତନ ପ୍ରଯୁକ୍ତିବିଦ୍ୟା ଆଣ୍ଟିଡ଼ଷ୍ଟ, ଏଆରଓ୩୬୦ ବାୟୁଚଳାଚଳ ଏବଂ ସାଇଲେଞ୍ଚ ପ୍ରୋ ପ୍ରଯୁକ୍ତି ଏହାକୁ ଯଥାର୍ଥରେ ଏକ ଉଚ୍ଚ ଦକ୍ଷତାସମ୍ପନ୍ନ ଅପରେସନ ଭାବେ ପରିଗଣିତ କରିପାରିଛି। ଏହି ବିନିଯୋଗ ଗୁଡ଼ିକ କ୍ରମ୍ପଟନର ଆଧୁନିକତମ ଜ୍ଞାନକୌଶଳ ମଞ୍ଚ ଉପରେ ପ୍ରତିଫଳିତ ହେବା ସହିତ ଏଥିରୁ ଆସିଥିବା ଏକ୍ସ-ଟେକ୍ ଏବଂ ନ୍ୟୁକ୍ଲିୟସ ପରବର୍ତ୍ତି ପିଢ଼ିର ଇଣ୍ଡକ୍ସନ ଏବଂ ବିଏଲଡ଼ିସି ମୋଟର ଜ୍ଞାନକୌଶଳ ଦିଗରେ ଏକ ନୂତନ ଦିଗ ଆଣିପାରିବ। କମ୍ପାନୀ ବର୍ତ୍ତମାନ ପରବର୍ତ୍ତି ପିଢ଼ିର ଫ୍ୟାନ ପ୍ରସ୍ତୁତି ପାଇଁ ନିଜକୁ ଲଗାଇ ପାରିଛି ଯାହା କେବଳ ବିଇଇ ୨.୦ ଡ଼ିଜାଇନ ପାଇଁ ନୁହେଁ ଏହା ପରବର୍ତ୍ତି ୩-୪ ବର୍ଷ ପର୍ଯ୍ୟ' ଏକ ଗ୍ରହଣୀୟକାରୀ ପରିବ???ର୍ନଶୀଳ ଜ୍ଞାନକୌଶଳକୁ ମଧ୍ୟ ନିଶ୍ଚିତ ଭାବରେ ସମ୍ମୁଖକୁ ଆଣିପାରିବ।

## ଗୋଲିଆ ଦଣ୍ଡଯାତ୍ରା ଉପଲକ୍ଷେ ନାଟ୍ୟ ପୁସ୍ତକ ପୂଜନ କାର୍ଯ୍ୟକ୍ରମ



**ବୁଗୁଡ଼ା, ୨୮।୧ (ନି.ପ୍ର):** ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ଶଙ୍କର ଉପାସକ ନାଟ୍ୟ ସଂସଦ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୧୫ ଦିନିଆ ଦଣ୍ଡଯାତ୍ରା ଉପଲକ୍ଷେ ସାମାଜିକ ନାଟକ 'ତୁ ମୋ ବଜରଙ୍ଗୀ 'ର ପୁସ୍ତକ ପୂଜନ କାର୍ଯ୍ୟକ୍ରମ କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୁସ୍ତକ ପୂଜନ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନାଟ୍ୟ ପରିଚାଳକ ମାନସ ରଞ୍ଜନ ପ୍ରଧାନ, ସହନିର୍ଦ୍ଦେଶକ ଶିବ ଶଙ୍କର ମହାପାତ୍ର, ତାପସ ରଞ୍ଜନ ପ୍ରଧାନ, ପବିତ୍ର ପ୍ରଧାନ, ଗୁଣାକାନ୍ତ ପ୍ରଧାନ, ମନୋଜ ସାହୁ, ଅର୍ଜୁନ ଦୋରା , ରଞ୍ଜନ ରାଉତ, ଶଙ୍କର ଗୌଡଙ୍କ ସମେତ ନାଟ୍ୟ କଳାକାରବୃନ୍ଦ ଏବଂ ଲଙ୍ଗଳେଶ୍ୱର ପାଠାଗାର ସଦସ୍ୟଗଣ ଉପସ୍ଥିତ ରହିଥିଲେ ।

## ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇଜିର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୧ (ନି.ପ୍ର) :** ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ଏହାର ଅପଗ୍ରେଡେଡ୍ ମୋବାଇଲ୍ ବ୍ୟାଙ୍କିଂ ଏବଂ ଇଂଟରନେଟ୍ ବ୍ୟାଙ୍କିଂ ପ୍ଲାଟଫର୍ମ ଉଜ୍ଜୀବନ ଇଜିର ଶୁଭାରମ୍ଭ ଘୋଷଣା କରିଛି । ଯାହା ବ୍ୟାଙ୍କର ଡିଜିଟାଲ୍-ପ୍ରଥମ ରଣନୀତିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାର ଖୁଚୁରା ଗ୍ରାହକ ଆଧାର ପାଇଁ ଡିଜାଇନ୍ କରାଯାଇଥିବା, ଉଜ୍ଜୀବନର ଇଜି ମୋବାଇଲ୍ ଏବଂ ୱେବ୍ ଚ୍ୟାନେଲଗୁଡ଼ିକରେ ଏକୀକୃତ, ସୁରକ୍ଷିତ ଏବଂ ସହଜ ବ୍ୟାଙ୍କିଂ ଅଭିଜ୍ଞତା ପ୍ରଦାନ କରେ ଏବଂ ଏହା ନଅଟି ଭାଷାରେ ଉପଲବ୍ଧ ଯଥା ଇଂରାଜୀ, ହିନ୍ଦୀ, କନ୍ନଡ, ଗୁଜରାଟୀ, ମରାଠୀ, ବଙ୍ଗାଳୀ, ଓଡ଼ିଆ, ପାବୀ ଏବଂ ତାମିଲରେ।

ଏହି ପ୍ଲାଟଫର୍ମ ୯୦ ରୁ ଅଧିକ ନୂତନ କ୍ଷମତା ସମେତ ୨୦୦ ରୁ ଅଧିକ ବ୍ୟାଙ୍କିଙ୍ଗ୍ ବୈଶିଷ୍ଟ୍ୟକୁ ଏକତ୍ରିତ କରୁଛି, ଯାହାର ଲକ୍ଷ୍ୟ ହେଉଛି ସଂଚୟ, ଦେୟ, ଋଣ ଏବଂ ନିବେଶରେ ଗଭୀର ସମ୍ପର୍କକୁ ସକ୍ଷମ କରିବା ସହିତ ଦୈନନ୍ଦିନ ବ୍ୟାଙ୍କିଙ୍ଗକୁ ସରଳ କରିବା। ପରବର୍ତ୍ତୀ ପିଢ଼ିର ମାଇକ୍ରୋ ସର୍ଭିସେସ୍ ସ୍ଥାପତ୍ୟ ଉପରେ ନିର୍ମିତ, ଇଜି ଗତି, ସ୍କେଲେବଲିଟି ଏବଂ ସିଷ୍ଟମ୍ ସ୍ଥିରତାକୁ ବୃଦ୍ଧି କରୁଛି, ଯାହା ବ୍ୟାଙ୍କକୁ ନୂତନ ବୈଶିଷ୍ଟ୍ୟଗୁଡ଼ିକୁ ଦ୍ରୁତ ଗତିରେ ପରିଚିତ କରାଇବା ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ।

ଇଜିଆକାଉଂଟ ପରିଚାଳନା, ପାଣ୍ଠି ସ୍ଥାନାନ୍ତର, ସ୍ଥିର ଏବଂ ପୁନରାବୃତି ଜମା, ବିଲ୍ ପେମେଂଟ, ଡେବିଟ୍ କାର୍ଡ ପରିଚାଳନା, ଜିଏସଟି ପେମେଂଟ ଏବଂ ଡିମାଟ୍ ଏବଂ ଏନପିଏସ ସମେତ ନିବେଶ ସେବା ଭଳି ମୂଳ ବ୍ୟାଙ୍କିଂ ସେବାଗୁଡ଼ିକୁ ଗୋଟିଏ ପ୍ଲାଟଫର୍ମରେ ଏକତ୍ର କରୁଛି। ଏହି ବିଦ୍ୟମାନ ସେବାଗୁଡ଼ିକ ବ୍ୟତୀତ, ଅପଗ୍ରେଡ୍ ପ୍ଲାଟଫର୍ମ ଋଣ ସେବା, ସ୍ମାର୍ଟ ଷ୍ଟେଟମେଂଟ, ନୂତନ ଡିଜିଟାଲ୍ କ୍ଷମତା ଏବଂ ଗ୍ରାହକଙ୍କ ଉତ୍ପାଦ ସମ୍ପର୍କ ଉପରେ ଆଧାରିତ ବ୍ୟକ୍ତିଗତ ଇଂଟରଫେସ୍ ପ୍ରଚଳନ କରିଛି, ଯାହା ସୁବିଧା ଏବଂ ଗ୍ରାହକ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରି ଏକ ବ୍ୟାପକ ଏଣ୍ଡ-ଟୁ-ଏଣ୍ଡ ବ୍ୟାଙ୍କିଂ ଅଭିଜ୍ଞତା ସୁନିଶ୍ଚିତ କରିଛି।

## ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ୨୪ଜଣଙ୍କୁ 'ପ୍ରତିଭା ସମ୍ମାନ ଆୱାର୍ଡ ୨୦୨୬'ରେ ସମ୍ମାନୀତ

**କଟକ,୨୮।୧ (ନି.ପ୍ର):** ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡିବିଏଫ୍) ତାହାର କପିଳାସ ସିମେଣ୍ଟ ୱାର୍କସ୍ (କେସିଡବ୍ଲ୍ୟୁ) ଜରିଆରେ ୨୦୨୬ ଜାନୁଆରୀ ୨୬ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍କୁଲ ଛାତ୍ର ଛାତ୍ରୀଙ୍କର ଉଲ୍ଲେଖନୀୟ ସଫଳତା ନିମନ୍ତେ ସେମାନଙ୍କୁ ସମ୍ମାନଜନକ 'ଡାଲମିଆ ପ୍ରତିଭା ସମ୍ମାନ ଆୱାର୍ଡ ୨୦୨୬' ପ୍ରଦାନ କରିଛି। ଏହି ଉତ୍ସବରେ ୧୦ମ ଓ ୧୨ଶ ଶ୍ରେଣୀର ୧୮ ଜଣ ଛାତ୍ର ଛାତ୍ରୀ ଏବଂ ୬ଜଣ ସମାଜସେବୀଙ୍କୁ ଯଥାକ୍ରମେ ସେମାନଙ୍କର ଶିକ୍ଷାଗତ ଓ ସମାଜସେବାରେ ଉତ୍କର୍ଷ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉଚ୍ଚ ସଫଳତା ହାସଲକାରୀମାନଙ୍କୁ ଓଡ଼ିଶାର କଟକ ଓ ଯାଜପୁର ଜିଲ୍ଲାର ପଡୋଶୀ ପଞ୍ଚାୟତ ଅନ୍ତର୍ଗତ ୧୭ଟି ସ୍କୁଲରୁ ମନୋନୀତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ୧୮ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରତ୍ୟେକ ୨୫୦୦ ଟଙ୍କାର ଅର୍ଥ ପୁରସ୍କାର ଏବଂ ୬ଜଣ ଉଲ୍ଲେଖନୀୟ ସମାଜସେବୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଶ୍ରୀ ଦେବୀ ପ୍ରସାଦ ଦାସ, ୟୁନିଟ ହେଡ୍- କେସିଡବ୍ଲ୍ୟୁ, କଟକ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସହିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ୟୁନିଟ୍ର ଏକଜିକ୍ୟୁଟିଭଗଣ, କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଦେବୀ



ପ୍ରସାଦ ଦାସ, ୟୁନିଟ ହେଡ୍, ଡିସିବିଏଲ୍ କେସିଡବ୍ଲ୍ୟୁ କହିଥିଲେ, 'ଡାଲମିଆ ଭାରତ ଉତ୍କର୍ଷର ପରିପୋଷଣ ଏବଂ ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ଦେବା କ୍ଷେତ୍ରରେ ନିଜର ପ୍ରତିବଦ୍ଧତାରେ ଅଟଳ ରହିଛି। 'ଡାଲମିଆ ପ୍ରତିଭା ସମ୍ମାନ ଆୱାର୍ଡ' କଠିନ ପରିଶ୍ରମ, ଏକାଗ୍ରତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ କ୍ଷେତ୍ରରେ ଅନନ୍ୟ ପ୍ରଦର୍ଶନ କରୁଥିବା ଉଜ୍ଜ୍ୱଳ ଯୁବ ମାନସିକତାକୁ ଚିହ୍ନଟ କରିବା, ସ୍ୱୀକୃତି ଦେବା ଏବଂ ପୁରସ୍କୃତ କରିବାରେ ଆମ ବିଶ୍ୱାସର ଏକ ନିଦର୍ଶନ ହୋଇଛି।

## ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ 'ସ୍ୱାଭିମାନ ରିଟାଏରମେଣ୍ଟ ପ୍ଲାନ'ର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୧ (ନି.ପ୍ର) :** ଭାରତର ପ୍ରମୁଖ ଘରୋଇ ଜୀବନ ବୀମାକାରୀମାନଙ୍କ ମଧ୍ୟରୁ ଗୋଟିଏ, ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସ, ଆଜି ଭାରତୀ ଆକ୍ସା ଲାଇଫ୍ 'ସ୍ୱାଭିମାନ ରିଟାଏରମେଣ୍ଟ ପ୍ଲାନ'ର ଶୁଭାରମ୍ଭ ଘୋଷଣା କରିଛି, ଏହା ଏକ ଅଣ-ଲିଙ୍କ୍ଡ, ଅଣ-ଭାଗୀଦାର ବ୍ୟକ୍ତିଗତ ସ୍ଥଗିତ ବାର୍ଷିକୀ ଯୋଜନା ଯାହା ନିଶ୍ଚିତ ଏବଂ ପୂର୍ବାନୁମାନଯୋଗ୍ୟ ଜୀବନବ୍ୟାପୀ ଆୟ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ବ୍ୟକ୍ତିମାନଙ୍କୁ ଆତ୍ମବିଶ୍ୱାସ, ସ୍ୱାଧୀନତା ଏବଂ ଆର୍ଥିକ ମର୍ଯ୍ୟାଦା ସହିତ ଅବସର ନେବାରେ ସାହାଯ୍ୟ କରିବ।

'ସ୍ୱାଭିମାନ ରିଟାଏରମେଣ୍ଟ ପ୍ଲାନ'ର ଗ୍ରାହକମାନଙ୍କୁ ପ୍ରାରମ୍ଭିକ ଯୋଜନା ଏବଂ ବର୍ତ୍ତମାନ ସ୍ତରରେ ବାର୍ଷିକ ହାରକୁ ଲକ୍ ଇନ୍ କରିବାକୁ ସକ୍ଷମ କରିଥାଏ, ଯାହା ଜୀବନ ପାଇଁ ନିଶ୍ଚିତ ଆୟ ସୁନିଶ୍ଚିତ କରିଥାଏ। ଏହି ଯୋଜନା ଜୀବନକାଳ ବାର୍ଷିକ ପେମେଣ୍ଟ ପ୍ରଦାନ କରେ, ବଞ୍ଚିଥିବା ପତି କିମ୍ବା ପତ୍ନୀଙ୍କ ଜୀବନକାଳ ପାଇଁ ସମାନ ନିଶ୍ଚିତ ଆୟ ଜାରି ରଖିବାର ବିକଳ୍ପ ସହିତ, ପଲିସିଧାରକ କିମ୍ବା ପତି କିମ୍ବା ପତ୍ନୀ ଜୀବିତ ଥିବା ପର୍ଯ୍ୟନ୍ତ ଆୟ ସୁରକ୍ଷା ସୁନିଶ୍ଚିତ କରିଥାଏ। ସରଳତା ଏବଂ ନମନୀୟତା ଉପରେ ଡିଜାଇନ୍ କରାଯାଇଥିବା, ଆତ୍ମନିର୍ଭର ବିକଳ୍ପ ଗ୍ରାହକମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଟଙ୍କା ଉଠାଇବାକୁ ଅନୁମତି ଦିଏ। ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ପ୍ରତି ୫ ବର୍ଷ ପରେ ବର୍ଦ୍ଧିତ ପେ-ଆଉଟ୍ ଯାହା ଗ୍ରାହକମାନଙ୍କୁ ମୁଦ୍ରାସ୍ଫୀତିକୁ ମୁକାବିଲା କରିବାରେ ଏବଂ ସେମାନଙ୍କର ଆର୍ଥିକ ଲକ୍ଷ୍ୟ, ନଗଦ ପ୍ରବାହ ଆବଶ୍ୟକତା ଏବଂ ଜୀବନ ଆବଶ୍ୟକତା ସହିତ ଅବସର ଆୟ ଗଠନ କରିବାରେ ସାହାଯ୍ୟ କରେ। ଅବସର ଯୋଜନା ପାଇଁ କର ଲାଭ ଧାରା ୮୦ସି, ୮୦ସିସିସି ଅଧୀନରେ ଆସେ ଯାହାର ମୋଟ ସୀମା ୧.୫ ଲକ୍ଷ ଟଙ୍କା ଅଟେ।

ଭାରତୀ ଆକ୍ସା ଲାଇଫର 'ସ୍ୱାଭିମାନ ରିଟାଏରମେଣ୍ଟ ପ୍ଲାନ'ର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ନମନୀୟ ପ୍ରିମିୟମ୍ ଦେୟ ଏବଂ ସ୍ଥଗିତ ବିକଳ୍ପ: ଚୟନିତ ବାର୍ଷିକୀ ବିକଳ୍ପ ଅଧୀନରେ ୨, ୩ ଏବଂ ୫ ବର୍ଷର ପ୍ରିମିୟମ୍ ଦେୟ ଅବଧି (ପିପିଟି) ବିକଳ୍ପ, ୭ ବର୍ଷ ପର୍ଯ୍ୟ' ସ୍ଥଗିତ ବିକଳ୍ପ ସହିତ, ଗ୍ରାହକମାନଙ୍କୁ କମ ପେମେଣ୍ଟ ପ୍ରତିଶ୍ରୁତି ସହିତ ଅବସର ଯୋଜନା କରିବାକୁ ସକ୍ଷମ କରିଥାଏ। ସେହିପରି ଆର୍ଥିକ ଜରୁରୀକାଳୀନ ପରିସ୍ଥିତିରେ ବିକଳ୍ପନୀୟ ବ୍ୟବସ୍ଥା: ସମସ୍ତ ପ୍ରିମିୟମ୍ ପରିଶୋଧ ହେବା ପରେ ପଲିସି ସର୍ତ୍ତାବଳୀ ଅନୁଯାୟୀ ଆତ୍ମସମର୍ପଣ ମୂଲ୍ୟର ଏକ ଅଂଶ ପ୍ରତ୍ୟାହାର କରିବାର ବିକଳ୍ପ। ଗ୍ୟାରେଣ୍ଟିଯୁକ୍ତ ଜୀବନକାଳ ଆୟ: ବାର୍ଷିକୀ କ୍ରୟ ହେବା ପରେ ଜୀବନ ପାଇଁ ନିଶ୍ଚିତ ବାର୍ଷିକୀ ପେମେଣ୍ଟ ସୁବିଧା ପ୍ରାପ୍ତ କରିପାରିବେ। ମିଳିତ ଜୀବନ ବାର୍ଷିକୀ ବିକଳ୍ପ: ପଲିସିଧାରକଙ୍କ ଠାରୁ ଅଧିକ ବଞ୍ଚି ରହିଥିବା ପତି କିମ୍ବା ପତ୍ନୀଙ୍କ ପାଇଁ ନିରନ୍ତର ନିଶ୍ଚିତ ଆୟ ସୁନିଶ୍ଚିତ କରିଥାଏ। ପ୍ରିମିୟମ୍ ଦେୟ ନମନୀୟତା: ଚୟନିତ ବାର୍ଷିକୀ ବିକଳ୍ପ ଅଧୀନରେ ୨ କିମ୍ବା ୩ ବର୍ଷର ଛୋଟ ପ୍ରିମିୟମ୍ ଦେୟ ସର୍ତ୍ତାବଳୀ (ପିପିଟି) ବାଛିବାର ବିକଳ୍ପ ଗ୍ରହଣ କରିପାରିବେ। ନମନୀୟ ପେମେଣ୍ଟ: ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ, କିମ୍ବା ବାର୍ଷିକ ପେନ୍ସନ୍ ଦେୟ ବାଛିପାରିବେ। ସ୍ଥଗିତ ବାର୍ଷିକୀ ବିକଳ୍ପ: ପେନ୍ସନ୍ କେବେ ଆରମ୍ଭ ହେବ ତାହା ନିଷ୍ପତ୍ତି ନେବାର ନମନୀୟତା ରହିବ। ବାର୍ଷିକୀ ବିକଳ୍ପଗୁଡ଼ିକର ପସନ୍ଦ: ଅବସର ଆବଶ୍ୟକତା ସହିତ ବ୍ୟକ୍ତିଗତ ଆର୍ଥିକ ଆବଶ୍ୟକତା ଅନୁଯାୟୀ ଚୟନ କରିବାର ନମନୀୟତା । 'ସେଭ୍ ଦା ଡେଟ୍' ବୈଶିଷ୍ଟ୍ୟ: ଜନ୍ମଦିନ କିମ୍ବା ବାର୍ଷିକୀ ଭଳି ପସନ୍ଦିତ ତାରିଖରେ ବାର୍ଷିକୀ ପେମେଣ୍ଟ ପାଇବାର ସୁବିଧା। କର ଲାଭ: ପ୍ରଦତ୍ତ ପ୍ରିମିୟମ୍ ପ୍ରଚଳିତ ଟିକସ ଆଇନ ଅନୁଯାୟୀ କର ଲାଭ ପାଇଁ ଯୋଗ୍ୟତା ହାସଲ କରିପାରିବେ।

## ୱଣ୍ଡରଲା ଭୁବନେଶ୍ୱରରେ ଶ୍ରେଷ୍ଠ ମୂଲ୍ୟରେ ୫୯୯ ଟଙ୍କାରୁ ଆରମ୍ଭ ସ୍ୱତନ୍ତ୍ର ଟିକଟ ଓ ଆକର୍ଷଣୀୟ ଅଫର

**ଭୁବନେଶ୍ୱର, ୨୮।୧ (ନି.ପ୍ର) :** ୱଣ୍ଡରଲା ଭୁବନେଶ୍ୱର ସ୍ୱତନ୍ତ୍ର ମୂଲ୍ୟ ଆଧାରିତ ଅଫର ସହ ଭାରତର ଗଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ରାଇଡ, ମନୋରଂଜନ ଓ ଉତ୍ସବ ଉତ୍ସାହରେ ପରିପୂର୍ଣ୍ଣ ଏକ କୌତୁକପୂର୍ଣ୍ଣ ଦିବସ ଉପଭୋଗ କରିବା ଲାଗି ପରିବାର ଓ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରୁଛି। ଗଣତନ୍ତ୍ର ଦିବସ ପାଳନ ଅଂଶ ସ୍ୱରୂପ ୱଣ୍ଡରଲା ପକ୍ଷରୁ ସ୍ୱତନ୍ତ୍ର କେବଳ-ଅନଲାଇନ ଟିକଟ ମୂଲ୍ୟ ଓ ଅନ୍ୟାନ୍ୟ ଡିଲ ପ୍ରଦାନ କରାଯାଉଛି ଯାହା




ଅତିଥିମାନଙ୍କୁ ୨୦୨୬ ଜାନୁଆରି ୩୧ ପର୍ଯ୍ୟନ୍ତ ଛୁଟି ଦିନ ସମୟରେ ଏକ ସ୍ମରଣୀୟ ଦିବସ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସହଜ କରିବ। ଗଣତନ୍ତ୍ର ଦିବସ ଅଫରର ଅଂଶସ୍ୱରୂପ ୱାଣ୍ଡରଲା ଭୁବନେଶ୍ୱରରେ ଟିକଟ ମୂଲ୍ୟ ୫୯୯ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ବୁଫେ ମିଲ ଓ ଲକର ସୁବିଧା ଉପରେ ଅତିରିକ୍ତ ଅଫର ରହିଛି। ଅତିଥିମାନେ ଅନଲାଇନରେ ଟିକଟ ବୁକିଂ କରିପାରିବେ ଏବଂ ୨୦୨୬ ଜାନୁଆରି ୩୧ ଦିନ କିମ୍ବା ପୂର୍ବରୁ ଯେକୌଣସି ଦିନ ପାର୍କ ପରିଦର୍ଶନରେ ଆସିପାରିବେ ଯାହା ସେମାନଙ୍କୁ ଲମ୍ବା ସପ୍ତାହନ୍ତ ବାହାରେ ମଧ ଶ୍ରେଷ୍ଠ ନମନୀୟତା ପ୍ରଦାନ କରିବ। ଉତ୍ସବର ଭାବକୁ ବଢ଼ାଇବା ଲାଗି ପାର୍କରେ ଗଣତନ୍ତ୍ର ଦିବସ ବିଷୟ ଆଧାରିତ ସାଜସଜ୍ଜା ଏବଂ ପତାକା ଉତ୍ତୋଳନ, ଗ୍ରାଣ୍ଡ ପ୍ୟାରେଡ ଓ ଡିଜେ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ଯାହା ସବୁ ବୟସ ବର୍ଗର ଆଗନ୍ତୁକମାନଙ୍କ ପାଇଁ ଏକ ଜୀବନ୍ତ ଓ ପରିବାର ଅନୁକୂଳ ପରିବେଶ ସୃଷ୍ଟି କରିବ। ଏହି ଅବସରରେ ୱଣ୍ଡରଲା ହଲିଡେଜ ଲିମିଟେଡର ଚିଫ ଅପରେଟିଂ ଅଫିସର ଧୀରନ ଚୌଧୁରୀ କହିଛନ୍ତି ଯେ, 'ଗଣତନ୍ତ୍ର ଦିବସ ହେଉଛି ଏକତା ଓ ଗୌରବର ଏକ ଉତ୍ସବ ଏବଂ ୱଣ୍ଡରଲା ଭୁବନେଶ୍ୱରରେ ଆମେ ମୂଲ୍ୟ ଆଧାରିତ ଅନୁଭୂତି ପ୍ରଦାନ କରିବାକୁ ଉତ୍ସାହିତ ଯାହା ପରିବାରମାନଙ୍କ ପାଖରେ ବିଶ୍ୱସ୍ତରୀୟ ମନୋରଂଜନ ପହଞ୍ଚାଇବ।

## ହିମାଳୟ ୱେଲନେସ୍ ଏବଂ ଆରସିବି ମହିଳା ଟିମ୍ ପକ୍ଷରୁ ୧ଡରଓମ୍ୟାନ୍ ଏକାଡେମୀ ଓ ଚାଟବଟ୍ ଉନ୍ମୋଚିତ

**ନୂଆଦିଲ୍ଲୀ , ୨୮।୧ (ନି.ପ୍ର) :** ଭାରତର ୧ ନମ୍ବର ଫେସ୍ ୱାଶ୍ ବ୍ରାଣ୍ଡ ହିମାଳୟ ୱେଲନେସ୍ ରାଷ୍ଟ୍ରୀ କନ୍ୟା ଶିଶୁ ଦିବସ ସହିତ ତାଳଦେଇ ୧ଡରଓମ୍ୟାନ ଏକାଡେମୀ ଶୁଭାରମ୍ଭ କରିଛି। କିଶୋରୀ ବାଳିକାମାନଙ୍କୁ ଚାଲେର ଉର୍ଦ୍ଧ୍ୱକୁ ଉଙ୍ଗିବା ନିମନ୍ତେ ସମର୍ଥନ ଦେଉଥିବା ଏବଂ ସେମାନଙ୍କର ପସନ୍ଦର କ୍ଷେତ୍ରରେ ୧ ନମ୍ବର ହେବାକୁ ଆକାଂକ୍ଷା ରଖିବା ନିମନ୍ତେ ପ୍ରେରଣା ଦେଉଥିବା ୧ଡରଓମ୍ୟାନ ଇନିସିଏଟିଭ୍ର ଗତିଶୀଳତାକୁ ଆଧାର କରି ଏହି ପ୍ଲାଟଫର୍ମ କିଶୋରୀ ବାଳିକା ଏବଂ ସେମାନେ ପ୍ରଶଂସା କରୁଥିବା ତଥା ଲକ୍ଷ୍ୟ ରଖୁଥିବା ମହିଳା କ୍ରିକେଟରଙ୍କ ମଧ୍ୟରେ ତାରତମ୍ୟ ଦୂର କରିବାକୁ ଡିଜାଇନ କରାଯାଇଛି। ୧ଡରଓମ୍ୟାନ ଏକାଡେମୀ ବାସ୍ତବ ସୁଯୋଗ ସୃଷ୍ଟି କରିବାର ପ୍ରତିବଦ୍ଧତା ଭାବରେ ଡିଜାଇନ କରାଯାଇଛି। ଏହି ପ୍ରୟାସର କେନ୍ଦ୍ରସ୍ଥଳରେ ରହିଛି ପୂର୍ବାପେକ୍ଷା ଅଧିକ ନିକଟତର ହେଉଥିବା ପରାମର୍ଶ ଓ ପ୍ରେରଣା ପ୍ରଦାନକାରୀ କଥୋପକଥନ ନେତୃତ୍ୱରେ ପରିଚାଳିତ ଅନୁଭୂତି। ୧ଡରଓମ୍ୟାନ ଏକାଡେମୀ ଜରିଆରେ ହିମାଳୟ ୱେଲନେସ୍ ସମଗ୍ର ଭାରତରୁ ଆକାଂକ୍ଷୀ ଯୁବ କ୍ରିକେଟରମାନଙ୍କୁ ୧୦୦ଟି ସ୍କଲାରସିପ୍ ମଧ୍ୟରୁ ଗୋଟିଏ ହାସଲ କରିବା ସୁଯୋଗ ଲାଭ କରିବା ଏବଂ ସେହି ସମୟରେ ଆରସିବି ମହିଳା ଟିମ୍ ନିକଟରୁ ପ୍ରତ୍ୟକ୍ଷ



ଭାବରେ କ୍ରିକେଟ ଖେଳ ସମ୍ପର୍କିତ ଅନ୍ତର୍ଦୃଷ୍ଟି ଓ ଆତ୍ମବିଶ୍ୱାସ ସୃଷ୍ଟିକାରୀ ମାର୍ଗଦର୍ଶନ ହାସଲ କରିବା ପାଇଁ ନାମ ପିକୃତ କରିବାକୁ ଆହ୍ୱାନ କରୁଛି।

ଏକ ଆନ୍ତଃକ୍ରିୟାଶୀଳ ଚାଟବଟ୍ ଭାବରେ ଡିଜାଇନ କରାଯାଇଥିବା ଏହି ଏକାଡେମୀ ବ୍ୟକ୍ତିଗତ ପ୍ରତିଜବାବ କ୍ଷେତ୍ରରେ ଆରସିବି ଟିମ୍ ନିକଟରୁ ଏକ ସ୍ୱାଗତ ବାର୍ତ୍ତା ଏବଂ ଆରସିବି ମହିଳା ଖେଳାଳିମାନଙ୍କ ନିକଟରୁ ଉପାଦେୟ ସୂଚନାଗୁଡ଼ିକ ସହିତ ଖୋଲୁଛି। ଏହାର ଅନୁଭୂତି ଏଭଳି ନିଖୁଣ ଭାବରେ ପ୍ରସ୍ତୁତ କରାଯାଇଛି ଯାହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଏବଂ ହାସଲ ଯୋଗ୍ୟ ମନେହେବ, ଯାହା ପ୍ରେରଣାକୁ କାର୍ଯ୍ୟାନ୍ୱୟନରେ ଏବଂ ରୋଲ୍ ମଡେଲମାନଙ୍କୁ ବାସ୍ତବ ପରାମର୍ଶଦାତାରେ ପରିଣତ କରିବ।

## ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିରେ ଆୟୋଜିତ ହେବ ଚତୁର୍ଥ ବ୍ୟାଙ୍କର୍ସ କନକ୍ଲେଭ

**ଭୁବନେଶ୍ୱର, ୨୮।୧ (ନି.ପ୍ର):** ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ଏହାର ବିର୍ଲା ସ୍କୁଲ୍ ଅଫ୍ କମର୍ସ ମାଧ୍ୟମରେ ୩୦ ଜାନୁଆରୀ ୨୦୨୬ ତାରିଖରେ 'ଆଧୁନିକ ବ୍ୟାଙ୍କିଂରେ ଫିନ୍‌ଟେକ୍ ଆଧାରିତ ସ୍ଥିରତା: ରିସ୍କ ଓ ଦାୟିତ୍ୱର ସମନ୍ୱୟ' ଥିମ୍ ଉପରେ ୪ଥ ବ୍ୟାଙ୍କର୍ସ କନକ୍ଲେଭ ଆୟୋଜନ କରିବାକୁ ଯାଉଛି। ଏହି କନକ୍ଲେଭର ଉଦ୍ଦେଶ୍ୟ ବ୍ୟାଙ୍କିଂ ଏବଂ ଫିନ୍‌ଟେକ୍ ପରିବେଶ ସହିତ ସଂପୃକ୍ତ ବିଭିନ୍ନ କ୍ଷେତ୍ରରୁ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକତ୍ର କରି ଭାରତୀୟ ଅର୍ଥନୀତିକୁ ଅଧିକ ସ୍ଥିର, ସମାବେଶୀ ଓ ଉଚ୍ଚ ବିକାଶ ଦିଗରେ ନେବାରେ ଫିନ୍‌ଟେକ୍‌ର ଭୂମିକା ଉପରେ ମୂଲ୍ୟବାନ ମତାମତ ବିନିମୟ କରିବା।

କନକ୍ଲେଭରେ ପ୍ରଯୁକ୍ତି ଆଧାରିତ ଆର୍ଥିକ ନବୀନତା କିପରି ବ୍ୟାଙ୍କିଂର ମୌଳିକ ଧାରଣାକୁ ପୁନଃଗଠନ କରୁଛି, ରିସ୍କ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରୁଛି ଏବଂ ଆର୍ଥିକ ସେବାର ପହଞ୍ଚକୁ ବଢ଼ାଉଛି – ସେଥିପାଇଁ ଆଲୋଚନା କରାଯିବ। ସେହି ସହିତ ସାଇବର ସୁରକ୍ଷା, ଜଳବାୟୁ ଅର୍ଥଯୋଗାନ ଏବଂ ନିୟମନ ଅନୁପାଳନ ସହିତ ସଂପୃକ୍ତ ଉଦୟମାନ ଚ୍ୟାଲେମାନଙ୍କୁ ମଧ



ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ପିକ୍ସେଲପେର ଚିଫ୍ ପ୍ରୋଡକ୍ଟ ଏବଂ ଟେକ୍ନୋଲୋଜି ଅଫିସର ଶ୍ରୀ ଅରୁଣ ବିଜୟକୁମାର, ଡ୍ରିମ୍ ମନିର ଉପାଧ୍ୟକ୍ଷ (ପ୍ରୋଡକ୍ଟ ଏବଂ ରେଭେନ୍ୟୁ) ଶ୍ରୀ ନୈତିକ ଶାହ, ଆଇଡିଏଫସିର ପୂର୍ବତନ ଚିଫ୍ ରିସ୍କ ଅଫିସର ଏବଂ ଆଇଆସିଆଇ ବ୍ୟାଙ୍କର ପୂର୍ବତନ ବରିଷ୍ଠ ନେତା ଶ୍ରୀ ପାରାଗ ଶାହ, ଏବଂ ଏଚଡିଏଫସି ବ୍ୟାଙ୍କ ଓଡ଼ିଶାର ଉପାଧ୍ୟକ୍ଷ ଶ୍ରୀ ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିବେ। ଏହି ଅବସରରେ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, 'ବିଜିୟୁ ର ବ୍ୟାଙ୍କର୍ସ କନକ୍ଲେଭ ଶିଳ୍ପ ଏବଂ ଶିକ୍ଷାଜଗତ ମଧ୍ୟରେ ସଂଳାପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହା ଦ୍ୱାରା ଉଦୟମାନ ପ୍ରବୃତ୍ତି, ଚ୍ୟାଲେ ଓ ସୁଯୋଗ ଉପରେ ମତବିନିମୟ ସମ୍ଭବ ହେବ। ଏପରି କାର୍ଯ୍ୟକ୍ରମଗୁଡ଼ିକ ଆର୍ଥିକ ପରିବେଶକୁ ସୁଦୃଢ଼ କରିବା ସହିତ ଭବିଷ୍ୟତ ପେଶାଜୀବୀମାନଙ୍କୁ ପ୍ରସ୍ତୁତ କରେ। ଏହି ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରି ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାନ୍ୟାଲ କହିଛନ୍ତି, 'ଫିନ୍‌ଟେକ୍ ବ୍ୟାଙ୍କିଂକୁ ତାହାର ମୂଳ ଭିତ୍ତିରୁ ପୁନଃନିର୍ମାଣ କରୁଛି – ଏହାକୁ ଅଧିକ ସମାବେଶୀ, ଦକ୍ଷ ଏବଂ ସୁରକ୍ଷିତ କରୁଛି।

## ଏନଏସଇରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର, ୨୮।୧ (ନି.ପ୍ର) :** ନ୍ୟାଶନାଲ ଷ୍ଟକ ଏକ୍ସଚେ (ଏନଏସଇ) ପକ୍ଷରୁ ସଂସ୍ଥାର ମିଳିତ ମୂଲ୍ୟବୋଧ ଓ ଜାତୀୟ ନୀତିକୁ ପ୍ରତିଫଳନ କରିଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହିତ ମୁମ୍ବାଇସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଭାରତର ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ସମାରୋହ ଏନଏସଇର ନେତୃବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ



ଏକାଠି କରିଥିଲା। ଦେଶର ପ୍ରମୁଖ ଏକ୍ସଚେରେ ଏହି କାର୍ଯ୍ୟକ୍ରମ ଏନଏସଇ କ୍ଲିୟରିଂ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଶ୍ରୀ ବିକ୍ରମ କୋଠାରି ଏବଂ ଏନଏସଇର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀ ଶରଦ ଧକାଟେଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ଏବଂ କର୍ମଚାରୀମାନେ ଏକତା, ଅଖଣ୍ଡତା ଓ ବିବିଧତାର ସିଦ୍ଧାନ୍ତକୁ ସ୍ୱୀକୃତି ଦେବା ପାଇଁ ଏକାଠି ହୋଇଥିଲେ। ଏହି ଅବସର ଗର୍ବ, ଦେଶପ୍ରେମ ଓ ଏକତାର ଏକ ଭାବନା ଦ୍ୱାରା ଚିହ୍ନିତ ହୋଇଥିଲା। ଗଣତନ୍ତ୍ର ଦିବସ ସନ୍ଧ୍ୟାରେ ଏନଏସଇ ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକୁ ଭାରତୀୟ ଜାତୀୟ ପତାକାର ରଙ୍ଗ ଯଥା ନାରଙ୍ଗୀ, ଧଳା ଓ ସବୁଜରେ ଆଲୋକିତ କରାଯାଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ ଇଣ୍ଡିଆ ଲିମିଟେଡ ଜାତୀୟସ୍ତରୀୟ ପହଂଚ ସହିତ ଏକ ଆଧୁନିକ, ସ୍ୱୟଂଚାଳିତ ଟ୍ରେଡିଂ ପ୍ଲାଟଫର୍ମର ପରିଚାଳନା କରୁଛି ଏବଂ ସ୍ୱଚ୍ଛତା, ଦକ୍ଷତା ଓ ନିବେଶକ ସୁରକ୍ଷା ମାଧ୍ୟମରେ ଭାରତର ପୁଁ ବଜାରଗୁଡ଼ିକର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

## ଓଡ଼ିଶାରେ ଏସିଏମଇ ଗ୍ରୁପ୍ ଗ୍ରୀନ୍ ମିଥାନଲ୍ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବ

**ଗୁରୁଗ୍ରାମ୍, ୨୮।୧ (ନି.ପ୍ର):** ଏସିଏମଇ ଗ୍ରୁପ୍, ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ସମୂହ, ଓଡ଼ିଶାରେ ୨୦୦ କେଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବାକୁ ଯୋଜନା କରୁଛି। ଓଡ଼ିଶା ସରକାର ରାଜ୍ୟର ପ୍ରତିଯୋଗିତାମୂଳକ ସୁବିଧାକୁ ଉପଯୋଗ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବାକୁ ଦୃଢ଼ ପ୍ରୟାସ କରୁଥିବାରୁ, ଏସିଏମଇ ରାଜ୍ୟରେ ଏକ ଦୃଢ଼ ଉତ୍ପାଦନ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ) ସହିତ ହାତ ମିଳାଇଛି।

ଗ୍ରୀନ୍ ମିଥାନଲ୍ ସୁବିଧା ଏସିଏମଇଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟବସାୟର ଏକ ଅଂଶ ଏବଂ ଏସିଏମଇଅକ୍ଷୟ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଯାନ ଅଧୀନରେ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ୧୧୦୦ ରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ସହିତ ପ୍ରତିଷ୍ଠା ହେବାର ଆଶା କରାଯାଉଛି। ଏହି ପ୍ରକଳ୍ପ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଏହାର ଉତ୍ପାଦଗୁଡ଼ିକ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ଲକ୍ଷ୍ୟକୁ ଆଗେଇ ନେବାରେ ସହାୟକ ହେବ। ଏସିଏମଇଗ୍ରୁପ୍ ଏବଂ ଇପିକଲ୍ଗ୍ରୀନ୍ ମିଥାନଲ୍ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ପାଇଁ ଜଣେ ନୋଡାଲ୍ ଅଧିକାରୀଙ୍କୁ ଚିହ୍ନଟ କରିବେ।



ଏସିଏମଇଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ। ବ୍ୟବସାୟ ୟୁନିଟ୍ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅନିଲ ତାପରିଆଙ୍କ ଅନୁଯାୟୀ, ଓଡ଼ିଶା, ଏକ ଶକ୍ତିଶାଳୀ ସବୁଜ ଶକ୍ତି ଇକୋସିଷ୍ଟମ୍ ଏବଂ ଗଭୀର ଶିଳ୍ପ ତଥା ବନ୍ଦର ଭିତ୍ତିଭୂମି ସହିତ, ସବୁଜ ମିଥାନଲ୍ ସମେତ ସବୁଜ ଅଣୁର ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି। ଆମେ ଘରୋଇ ଏବଂ ରପ୍ତାନି ଉଭୟ ଉଦ୍ଦେଶ୍ୟରେ ପାରାଦୀପ ଏବଂ ଗୋପାଳପୁର ଆଖପାଖରେ ଏକାଧିକ ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ। ପ୍ରକଳ୍ପ ପ୍ରତିଷ୍ଠା କରୁଛୁ। ବାୟୋଜେନିକ୍ ଫିଡ୍‌ଷ୍ଟକର ପ୍ରଚୁର ଉପଲବ୍ଧତା ସହିତ ସହାୟକ ଶିଳ୍ପ ନୀତି ଏବଂ କମ୍ ମୂଲ୍ୟର ସବୁଜ ଶକ୍ତି ଯୋଗାଣ ଓଡ଼ିଶାରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ମୂଲ୍ୟରେ ସବୁଜ ମିଥାନଲ୍ ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ଇକୋସିଷ୍ଟମ୍ ସୃଷ୍ଟି କରିଛି। ଏସିଏମଇଗ୍ରୁପ୍ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦନ ଗନ୍ତବ୍ୟସ୍ଥଳ:ଏସିଏମଇଗ୍ରୁପ୍ର ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ। ବ୍ୟବସାୟ ପାଇଁଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ କେନ୍ଦ୍ର ଭାବରେ ଉଭା ହେଉଛି। ଏହା ଜାପାନ ଭିତ୍ତିକ ଆଇଏଚଆଇ କର୍ପୋରେସନ୍ ସହିତ ଏହାର ମିଳିତ ଉଦ୍ୟମ ମାଧ୍ୟମରେ ଓଡ଼ିଶାର ଗୋପାଳପୁରରେ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ ସବୁଜ ଆମୋନିଆ। ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି। ଏହା ଭାରତର ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ। କ୍ଷେତ୍ରରେ ଅନ୍ୟତମ ସର୍ବବୃହତ ବିଦେଶୀ ସହଯୋଗ। ଏହା ବ୍ୟତୀତ, ଏସିଏମଇଓଡ଼ିଶାର ପାରାଦୀପରେ ଦିନକୁ ୨,୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସବୁଜ ଆମୋନିଆ। ପ୍ରକଳ୍ପ ସ୍ଥାପନ କରୁଛି, କାରଣ ଏହା ସୋଲାର ଏନର୍ଜି କର୍ପୋରେସନ୍ ଅଫ୍ ଇଣ୍ଡିଆ। ଲିମିଟେଡ୍ (ଏସଇସିଆଇ) ଠାରୁ ଷ୍ଟ୍ରାଟେଜିକ୍ ଇଣ୍ଟରଭେନସନ୍ସ ଫର୍ ଗ୍ରୀନ୍ ହାଇଡ୍ରୋଜେନ୍ ଟ୍ରାନ୍ସିସନ୍ (ଏସଆଇଜିଏଚଟି) ଯୋଜନାର ମୋଡ୍-୨ଏ, ଟ୍ରାଞ୍ଚ-୧ ଅଧୀନରେ ଭାରତର ସାର କ୍ଷେତ୍ରକୁ ସବୁଜ ଆମୋନିଆ। ଯୋଗାଣ ପାଇଁ ଛଅ (୬)ଟି କାର୍ଯ୍ୟାଦେଶ ପତ୍ର (ଏଲଓଏ) ଗ୍ରହଣ କରିଛି। ଏହି ଏଲଓଏ ଅଧୀନରେ, ଏସିଏମଇଗ୍ରୁପ୍ ଦ୍ୱାରା ଭାରତର କେତେକ ବୃହତ୍ତମ ରାସାୟନିକ ଏବଂ ସାର କମ୍ପାନୀଗୁଡ଼ିକୁ ୧୦ ବର୍ଷ ସମୟ ପାଇଁ ବାର୍ଷିକ ୩,୭୦,୦୦୦ ମେଟ୍ରିକ୍ ଟନ୍ ସବୁଜ ଆମୋନିଆ। ଯୋଗାଇ ଦିଆଯିବ।

## ସୁନ୍ଦରଗଡ଼ରେ ଓସ୍ୱାଲ୍ ବୁକ୍ସର ନୂତନ ଅଧିକୃତ ବିତରକ

**ସୁନ୍ଦରଗଡ଼, ୨୮।୧ (ନି.ପ୍ର) :** ଓଡ଼ିଶାରେ ସିବିଏସଇ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଓସ୍ୱାଲ ବୁକ୍ସ ଭାରତର ଏକ ପ୍ରମୁଖ ଶିକ୍ଷା ମୂଳକ ପ୍ରକାଶକ ସଂସ୍ଥା, ଆଲାଏଡ଼ ବୁକ ସେଂଟର ସୁନ୍ଦରଗଡ଼ କୁ ଓଡ଼ିଶାର ଏକ ନୂତନ ଅଧିକୃତ ବିତରକ ଭାବେ ନିଯୁକ୍ତ କରିଛି । ଏହି ସହଯୋଗ ଅନୁସାରେ ସିବିଏସଇ ପାଠ୍ୟକ୍ରମ ଆଧାରିତ ଓସ୍ୱାଲ ବୁକସର ପ୍ରଶ୍ନବ୍ୟାଙ୍କ, ସ୍ୟାମ୍ପଲ୍ ପେପର୍, ରିଭିଜନ୍ ଗାଇଡ୍ ଓ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ଓଡ଼ିଶାର ଛାତ୍ରଛାତ୍ରୀ , ଶିକ୍ଷକ ଓ ବିଦ୍ୟାଳୟ ମାନଙ୍କ ପାଇଁ ସହଜରେ ଉପଲବ୍ଧ ହେବ।

ଓସ୍ୱାଲ ବୁକସ ତାଙ୍କର ନବୀନ, ଛାତ୍ର-ମୁଖୀ ଏବଂ ପରୀକ୍ଷା -କେନ୍ଦ୍ରିକ ଶିକ୍ଷା ସାମଗ୍ରୀ ପାଇଁ ସାରା ଦେଶରେ ପରିଚିତ। ଆଲାଏଡ଼ ବୁକ ସେଂଟର ଭଳି ଏକ ଭରସାଯୋଗ୍ୟ ସ୍ଥାନୀୟ ବିତରକ ସହ ଏହି ଭାଗୀଦାରି ମାଧ୍ୟମରେ ଓସ୍ୱାଲ ବୁକ୍ସ ଓଡ଼ିଶାର ଦୂରସ୍ଥ ଓ ଅର୍ଦ୍ଧ-ନଗର ଅଂଚଳର ଛାତ୍ରଛାତ୍ରୀ ମାନଙ୍କ ପର୍ଯ୍ୟନ୍ତ ଉତ୍ତମ ଶିକ୍ଷା ସାଧନ ପହଂଚାଇବାକୁ ଲକ୍ଷ୍ୟ ରଖିଛି । ଏହି ସହଯୋଗ ଦ୍ୱାରା ଓଡ଼ିଶାର ଶିକ୍ଷା କ୍ଷେତ୍ର ଆହୁରି ସୁଦୃଢ଼ ହେବା ସହ ଛାତ୍ରଛାତ୍ରୀମାନେ ସ୍ଥାନୀୟ ସ୍ତରରେ ଭରସା ଯୋଗ୍ୟ ଓ ଗୁଣମାନ ସମ୍ପନ୍ନ ପଢ଼ାଶୁଣା ସାମଗ୍ରୀ ପାଇବେ । ଓସ୍ୱାଲ ବୁକସ ହେଉଛି ଭାରତର ସବୁଠାରୁ ଆଦରଣୀୟ ଶିକ୍ଷାମୂଳକ ବ୍ରାଣ୍ଡ, ଯାହା ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀ , ଅଭିଭାବକ ଓ ଶିକ୍ଷକମାନଙ୍କ ଭରସା ଅର୍ଜନ କରିଛି । ଶିକ୍ଷାକୁ ସହଜ, ସ୍ମାର୍ଟ ଓ ଚାପମୁକ୍ତ କରିବାର ଦୀର୍ଘ ଐତିହ୍ୟ ସହ, ଓସ୍ୱାଲ ବୁକସକୁ ୪.୫ ଲକ୍ଷରୁ ଅଧିକ ଶିକ୍ଷକ ସୁପାରିଶ କରନ୍ତି ଏବଂ ଏହା ୪୮,୦୦୦ ରୁ ଅଧିକ ବିଦ୍ୟାଳୟ ଓ କୋଚିଂ ସଂସ୍ଥା ଦ୍ୱାରା ବ୍ୟବହୃତ।

